ଧରିତ୍ରୀ DHARITRI
ଭୁବନେଶ୍ୱର, ଗୁରୁବାର, ୨୫ ଏପ୍ରିଲ, ୨୦୧୯



ଯିଏ ତୁମର ଉପକାର କରୁଛି ତାକୁ ଆପଣାର ବୋଲି ଭାବ,
ଯିଏ ତୁମର ଅହିତ ଚିନ୍ତା କରୁଛି, ତାହାଠାରୁ ଦୂରରେ ରୁହ ।
- ବ୍ୟାସଦେବ



Volume 1 | Episode -5 | ଡିଜିଟାଲ ଇଣ୍ଡିଆ... କ୍ୟାସ୍‌ଲେସ୍ ଇକୋନୋମି...




ଶଙ୍ଖ ଚିହ୍ନରେ ଭୋଟ ଦେବା । ଦୁଇଥର । ଥରେ ଏମ୍.ପି ପାଇଁ ଥରେ ଏମ୍.ଏଲ୍.ଏ ପାଇଁ | to be continued...

## ସଂକ୍ଷେପରେ

### ନିଖୋଜ ନାବାଳିକା ଉଦ୍ଧାର, ଅପହୃତା ଗିରଫ

**ରସୁଲପୁର,୨୪।୪(ଡି.ଏନ୍.ଏ.):** ରସୁଲପୁର ବ୍ଲକ ଅନ୍ତର୍ଗତ ମଙ୍ଗରାଜପୁର ପଞ୍ଚାୟତର ବାଲିହୁଡା ଗାଁରୁ କୁଆଖିଆ ପୋଲିସ ଜଣେଇକା ନିଖୋଜ ନାବାଳିକାଙ୍କୁ ବୁଧବାର ଉଦ୍ଧାର କରିଛି । ଉକ୍ତ ନାବାଳିକାଙ୍କୁ ଅପହରଣ କରିଥିବା ବାଲିହୁଡ଼ା ଗ୍ରାମର ଅର୍ଜୁନ ମଲିକ(୨୪)ଙ୍କୁ ପୋଲିସ ହେପାଜତକୁ ନେଇଛି। ମିଳିଥିବା ସୂଚନା ଅନୁସାରେ କୁଆଖିଆ ଥାନା ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତରୁ ୩ଦିନ ତଳେ ଜଣେଇକା ନାବାଳିକା ନିଖୋଜ ହୋଇଯାଇଥିଲେ। ଏସମ୍ପର୍କରେ ନାବାଳିକାଙ୍କ ମା' କୁଆଖିଆ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ଥାନାରେ ଏକ ମାମଲା(ନଂ.୧୦୯/୧୦) ରୁଜୁ କରି ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲା। ଅଭିଯୁକ୍ତ ଅର୍ଜୁନ ସମ୍ପୃକ୍ତା ନାବାଳିକାଙ୍କୁ ନେଇ ନିଜ ଗ୍ରାମରେ ଜଣେଇକ ସମ୍ପର୍କୀୟଙ୍କ ଘରେ ରଖିଥିଲେ। ଏନେଇ ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ନାବାଳିକାଙ୍କୁ ଉଦ୍ଧାର କରିବା ସହ ଅର୍ଜୁନଙ୍କୁ ଗିରଫ କରିଥିଲା। ଗୁରୁବାର ଅଭିଯୁକ୍ତ ଅର୍ଜୁନଙ୍କୁ କୋର୍ଟଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ଜଣାପଡିଛି ।

### ବିଦାୟକାଳୀନ ସମ୍ବର୍ଦ୍ଧନା

**ଧର୍ମଶାଳା,୨୪।୪(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଞ୍ଚାୟତ ଅଧୀନସ୍ଥ ପତିତପାବନ ହାଇସ୍କୁଲର ଅବସରକାଳୀନ ମୁଖ୍ୟ କିରାଣି ଅନନ୍ତ କିଶୋର ଜେନାଙ୍କୁ ସ୍କୁଲ ପକ୍ଷରୁ ବୁଧବାର ବିଦାୟକାଳୀନ ସମ୍ବର୍ଦ୍ଧନା କରାଯାଇଛି। ପୁରାତନ ଛାତ୍ର ସଂସଦ ଉପଦେଷ୍ଟା ଯୁଧିଷ୍ଠିର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅବସରକାଳୀନ ପ୍ରଧାନ ଶିକ୍ଷକ ନବଘନ ମହାନ୍ତି, ପୁରାତନ ଛାତ୍ର ସଂସଦର ସଭାପତି ନିରଞ୍ଜନ ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଭଞ୍ଜନା ସାହୁ ଅବସରପ୍ରାପ୍ତ ମୁଖ୍ୟ କିରାଣିଙ୍କୁ ଉତ୍ତରୀୟ ଦେଇ ବିଦାୟକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ।

■ ଅବ୍ୟବସ୍ଥାରୁ ଶିଶୁକନ୍ୟା, ମା'ଙ୍କ ମୃତ୍ୟୁ ଅଭିଯୋଗ

# ସ୍ୱାସ୍ଥ୍ୟକେନ୍ଦ୍ରରେ ଧାରଣା ଦେଲେ ପରିବାର

**ଜେନାପୁର,୨୪।୪(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ବୁଧବାର ଏକ ଅଭାବନୀୟ ଘଟଣା ଘଟିଛି । ସ୍ୱାସ୍ଥ୍ୟକେନ୍ଦ୍ରରେ ଅବ୍ୟବସ୍ଥା ଯୋଗୁ ମା' ସହ ନବଜାତ ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଛି। ଏହାକୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଉତ୍ତେଜନା ପ୍ରକାଶ ପାଇଥିଲା। କ୍ଷତିପୂରଣ ଦାବି ସହ ମୃତଦେହକୁ ଶବାଧାର ଗାଡିରେ ଛାଡିବା ଦାବିରେ ପରିବାର ଲୋକେ ଉଭୟଙ୍କ ମୃତଦେହକୁ ମେଡ଼ିକାଲ ପରିସରରେ ରଖି ୩ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ଧାରଣା ଦେଇଥିଲେ। ହେଲେ ସ୍ୱାସ୍ଥ୍ୟକେନ୍ଦ୍ର କର୍ତ୍ତୃପକ୍ଷ ଘଟଣାସ୍ଥଳକୁ ଆସି ନ ଥିଲେ କି କୌଣସି ସୁବିଧା ସୁଯୋଗ ପ୍ରଦାନ କରି ନ ଥିଲେ। ଘଟଣା ପ୍ରକାଶ ହେବା ପରେ ସ୍ଥାନୀୟଲୋକେ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ପରେ ମୃତକଙ୍କୁ ସହଯୋଗ କରାଯାଇଥିବା ଜଣାପଡିଛି।

ଚକ୍ରଧରପୁର ପଞ୍ଚାୟତ ଅଧୀନ ଶ୍ୟାମସୁନ୍ଦରପୁର ଗ୍ରାମର ରଞ୍ଜନ ମହାରଣାଙ୍କ ସ୍ତ୍ରୀ ଟୁନି ମହାରଣା(୩୬) ବୁଧବାର ଭୋର ସମୟରେ ଘରେ ଏକ ଶିଶୁ ପୁତ୍ରକୁ ଜନ୍ମ ଦେଇଥିଲେ। ଶିଶୁପୁତ୍ରକୁ ଜନ୍ମ ଦେବାର କିଛି ସମୟପରେ ପୁଣି ପ୍ରସବ ବେଦନା ଅନୁଭବ କରିଥିଲେ। ପରିବାରଲୋକେ ତୁରନ୍ତ ତାଙ୍କୁ ଜେନାପୁର ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଟୁନି ଏକ ମୃତ ଶିଶୁ କନ୍ୟାଙ୍କୁ ଜନ୍ମ ଦେଇଥିଲେ। କିନ୍ତୁ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥାରେ ଉନ୍ନତି ନ ହେବାରୁ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଯାଇଥିଲା। ସେଠାରେ ରକ୍ତ ଅଭାବରୁ ଟୁନିଙ୍କୁ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ନେବା ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ କୁହାଯାଇଥିଲା। ମାତ୍ର ରଞ୍ଜନଙ୍କ ପାଖରେ ଟଙ୍କା ନ ଥିବାରୁ ସେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ଯାଇ ନ ପାରି ଜେନାପୁର ଫେରିଯାଇଥିଲେ। ସେଠାରେ ପହଞ୍ଚିବା ପରେ ଟୁନି ମହିଳାଙ୍କ ମୃତ୍ୟୁ ହୋଇଥିଲା। ଜେନାପୁର ଡାକ୍ତରଖାନାରେ ଟୁନିଙ୍କୁ ଠିକ୍‌ଭାବେ ଚିକିତ୍ସା କରା ନ ଯାଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇବା ଓ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ତାଙ୍କୁ ଚିକିତ୍ସା କରା ନ ଯିବାରୁ ଟୁନିଙ୍କ ମୃତ୍ୟୁ ହୋଇଥିବା ରଞ୍ଜନ ଅଭିଯୋଗ କରିଥିଲେ। ଏହି ଘଟଣା ପାଇଁ ଉଭୟ ମେଡ଼ିକାଲର କର୍ତ୍ତୃପକ୍ଷଙ୍କୁ ମଧ୍ୟ ସେ ଦାୟୀ କରିଛନ୍ତି। ଏ ନେଇ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମୁଖ୍ୟ ଚିକିତ୍ସା ଅଧିକାରୀ ମାନସ କୁମାର ସ୍ୱାଇଁଙ୍କୁ ପଚାରିବାରୁ ସ୍ୱାସ୍ଥ୍ୟ କେନ୍ଦ୍ରରେ ରକ୍ତ ଅଭାବ ହେତୁ ଟୁନିଙ୍କୁ ଯାଜପୁର ଯିବା ପାଇଁ କହିଥିବା କହିଥିଲେ। ଜେନାପୁର ସ୍ୱାସ୍ଥ୍ୟକେନ୍ଦ୍ର ଷ୍ଟାଫ ନର୍ସ ହେମାଙ୍ଗିନୀ ଜେନାଙ୍କୁ ପଚାରିବାରୁ ମେଡ଼ିକାଲ ପକ୍ଷରୁ ଶବାଧାର ଗାଡି ବ୍ୟବସ୍ଥା କରାଯାଇ ମୃତଦେହକୁ ନିଜ ଗ୍ରାମକୁ ପଠାଯାଇଥିବା ସେ କହିଛନ୍ତି। ଅପରପକ୍ଷେ ଜୀବିତ ଶିଶୁପୁତ୍ରକୁ ମୃତ ଟୁନିଙ୍କ ପୁତୁରା ପ୍ରବୀର ମହାରଣା ଅନ୍ୟତ୍ର ନେଇ ଆଶୁଚିକିତ୍ସା କରିଥିବାବେଳେ ଶିଶୁଟିର ସ୍ୱାସ୍ଥ୍ୟ ଅବସ୍ଥା ଭଲ ଥିବା ଜଣାପଡିଛି। ପ୍ରକାଶ ଯେ, ଜେନାପୁର ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଆଖାପାଖି ଅଞ୍ଚଳର ପ୍ରାୟ ୨୦ ହଜାରୁ ଊର୍ଦ୍ଧ୍ୱଲୋକ ନିର୍ଭର କରୁଛନ୍ତି। ଡାକ୍ତରଖାନାରେ ୨ ବର୍ଷରୁ ଊର୍ଦ୍ଧ୍ୱ ହେବ ଡାକ୍ତର, ଫାର୍ମାଶିଷ୍ଟ ସାଙ୍ଗକୁ ଆବଶ୍ୟକ କର୍ମଚାରୀ ଏବଂ ଆନୁଷଙ୍ଗିକ ସାମଗ୍ରୀ ଅଭାବ ରହୁଛି। ଏହିପରି ଅବସ୍ଥା ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ରହିଥିବା ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି। ଫଳରେ ସାମାନ୍ୟ ରୋଗରେ ପୀଡିତ ରୋଗୀ ମଧ୍ୟ ଚିକିତ୍ସା ନ ପାଇ ମୃତ୍ୟୁ ମୁଖରେ ପଡୁଛନ୍ତି। ଏଥିପ୍ରତି ତୁରନ୍ତ ଜିଲାପାଳ ଦୃଷ୍ଟି ଦେବାକୁ ଜନ ସାଧାରଣ ଦାବି କରିଛନ୍ତି।



ମୃତଦେହ ରଖି ମେଡ଼ିକାଲ ପରିସରରେ ପରିବାରଲୋକେ ଧାରଣା ଦେଇଛନ୍ତି।

# ୯୦ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ କୋର୍ଟଚାଲାଣ

**କୋରେଇ/ଯାଜପୁର ଟାଉନ,୨୪।୪(ସ୍ୱ.ପ୍ର./ଡି.ଏନ୍.ଏ.)**

ଅବକାରୀ କମିଶନର ଭୂପିନ୍ଦର ସିଂ ପୁନିଆଙ୍କ ନିର୍ଦ୍ଦେଶକ୍ରମେ କଟକ ଅବକାରୀ ଫ୍ଲାଇଂ ସ୍କ୍ୱାଡ୍ ଓ ଯାଜପୁର ଜିଲା ଅବକାରୀ ବିଭାଗର ମିଳିତ ଚଢାଉ ଯୋଗୁ ପାଣିକୋଇଲି ଥାନା ଅଞ୍ଚଳରୁ ବୁଧବାର ସକାଳେ ୯୦ ଗ୍ରାମ୍ ବ୍ରାଉନ ସୁଗାର ଜବତ ହୋଇଛି। ଏହାର ମୂଲ୍ୟ ପ୍ରାୟ ୯ ଲକ୍ଷ ଟଙ୍କା ହେବ ବୋଲି କୁହାଯାଇଛି। ବିଭାଗ ପକ୍ଷରୁ ୨ ଜଣ ବ୍ରାଉନସୁଗାର ବିକ୍ରେତାଙ୍କୁ ମଧ୍ୟ କୋର୍ଟଚାଲାଣ କରାଯାଇଛି। ଅଭିଯୁକ୍ତ ହେଲେ ପାଣିକୋଇଲି ପଞ୍ଚାୟତ ଅନ୍ତର୍ଗତ ଅଳତିରି(ପରିଡ଼ା ସାହି) ଗ୍ରାମର ଆଶିଷ ପରିଡ଼ା ଓରଫ ଗୁଡ୍ଡୁ (୨୪) ଓ ପାଣିକୋଇଲି ଧଳ ସାହିର ସୁଜିତ ଧଳ ଓରଫ ମୁନା (୨୩)।

ମିଳିଥିବା ସୂଚନା ଅନୁଯାୟୀ, ଆଶିଷ ବିଭିନ୍ନ ଆପରାଧିକ ମାମଲାରେ ଗିରଫ ହୋଇ ଜେଲ ଯାଇଛନ୍ତି। ତେବେ ବିଶେଷ ସୂତ୍ରରୁ ଖବରପାଇ ଜିଲା ଅବକାରୀ ବିଭାଗ ଆଶିଷ ଓ ତାଙ୍କ ସହଯୋଗୀ ସୁଜିତଙ୍କୁ ଧରିବା ପାଇଁ ୩ ମାସ ହେବ ଚେଷ୍ଟା ଜାରି ରଖିଥିଲା। ଜଣେ ଅବକାରୀ କର୍ମଚାରୀ ନିଜେ ଗ୍ରାହକ ଭାବେ ଆଶିଷଙ୍କଠାରୁ ବ୍ରାଉନସୁଗାର କିଣିଥିଲେ। ସମସ୍ତ ତଥ୍ୟ ଆଦାୟ କରି ସାରିବା ପରେ କର୍ମଚାରୀ ଜଣକ ତାଙ୍କର ଜଣେ ବଡ଼ ବ୍ୟବସାୟୀଙ୍କ ସହ ପରିଚୟ ଅଛି ବୋଲି କହିଥିଲେ। କର୍ମଚାରୀ ଜଣକ ତାଙ୍କ ସହ ପରିଚିତ କରାଇଦେବେ ବୋଲି କହି ଆଶିଷଙ୍କୁ ଫୋନ ଯୋଗେ ବୁଧବାର ସକାଳେ ପାଣିକୋଇଲି ବଜାରର ପୋଲ ତଳକୁ ଡ଼ାକିଥିଲେ। ତେବେ ନକଲି ଗ୍ରାହକ ବେଶରେ ଥିବା ଅବକାରୀ କର୍ମଚାରୀ ଆଶିଷଙ୍କଠାରୁ ବ୍ରାଉନସୁଗାର କିଣିବା ସମୟରେ ପୂର୍ବରୁ ସେଠାରେ ଥିବା ଅବକାରୀ ବିଭାଗର ଟିମ୍ ତାଙ୍କୁ ଧରିଥିଲେ। ଆଶିଷଙ୍କଠାରୁ ସୂଚନା ପାଇ ଅବକାରୀ ଟିମ୍ ଧଳ ସାହିରୁ ସୁଜିତଙ୍କୁ ଉଠାଇ ଆଣିଥିଲା। ଆଶିଷଙ୍କଠାରୁ ୬୦ ଗ୍ରାମ ଓ ସୁଜିତଙ୍କଠାରୁ ୩୦ ଗ୍ରାମ ବ୍ରାଉନସୁଗାର ଜବତ କରିଥିଲା। ଯାଜପୁର ଅବକାରୀ ଅଧୀକ୍ଷକ ରଜତ କୁମାର ପ୍ରହରାଜଙ୍କ ନେତୃତ୍ୱରେ କଟକ ଫ୍ଲାଇଂ ସ୍କ୍ୱାଡ୍ ଉପ ଅଧୀକ୍ଷକ ପ୍ରଦୀପ କୁମାର ଦାସ, ଫ୍ଲାଇଂ ସ୍କ୍ୱାଡ୍ ଇନ୍ସପେକ୍ଟର ଶରତ କୁମାର ଭଞ୍ଜ, ପ୍ରମୋଦ କୁମାର ପଣ୍ଡା, ଯାଜପୁର ଅବକାରୀ ଇନ୍ସପେକ୍ଟର ସୀତାକାନ୍ତ ମୁଦୁଲି, ଡୋଳିପୁର ଅବକାରୀ ସବ୍‌ଇନ୍ସପେକ୍ଟର ପ୍ରଶାନ୍ତ ମହାନ୍ତି, କମଳଲୋଚନ ପାଇକରାୟ, କାଳନ୍ଦୀ ଚରଣ ବେହେରା ପ୍ରମୁଖ ଚଢାଉରେ ସାମିଲ ଥିଲେ। ଅବକାରୀ ବିଭାଗ ଖୋଳତାଡ଼ କରି ସେମାନଙ୍କ ସହ ଲିଙ୍କ୍ ଥିବା ଅନ୍ୟ ଅପରାଧୀଙ୍କୁ ଖୁବଶୀଘ୍ର ଗିରଫ କରିବ ବୋଲି ସୂଚନା ମିଳିଛି।

## ବିଜେଡିର ବାଇକ୍ ଶୋଭାଯାତ୍ରା

**ବିଞ୍ଝାରପୁର,୨୪।୪(ଡି.ଏନ୍.ଏ.):** ବିଞ୍ଝାରପୁର ବିଜେଡି ବିଧାୟକ ପ୍ରାର୍ଥୀ ପ୍ରମିଳା ମଲ୍ଲିକ ବୁଧବାର ସମର୍ଥକଙ୍କ ସହ ବାଙ୍ଗରେ, ଜରି, ସିଂହପୁର ପଞ୍ଚାୟତରେ ରୋଡ୍ ଶୋ କରିଛନ୍ତି। ବାଙ୍ଗରରୁ ବାଇକ୍ ଶୋଭାଯାତ୍ରା ଆରମ୍ଭ ହୋଇ ସିଂହପୁରଠାରେ ଶେଷ ହୋଇଥିଲା। ଏହି ଅବସରରେ ପ୍ରମିଳା ପ୍ରତି ଗ୍ରାମରେ ବୁଲି ଭୋଟ ଭିକ୍ଷା କରିଥିଲେ। ବ୍ଲକ ଅଧ୍ୟକ୍ଷ ନନ୍ଦ କିଶୋର ସାମଲ, ଅକ୍ଷୟ କୁମାର ନାୟକ, ନନ୍ଦ ମଲ୍ଲିକ, ସୁଷମା ସେଠୀ, ଆଶାଲତା ନାୟକ, ଅଜୟ ଖଣ୍ଡୁଆଳ, କାଶୀନାଥ ଧଳ, ଟୁବୁଲି ବାରିକ ସହ ପଞ୍ଚାୟତର ଶତାଧିକ କର୍ମୀ ଯୋଗଦେଇଥିଲେ।

## ମଦ ଜବତ, ବ୍ୟବସାୟୀ ଗିରଫ

**କୋରେଇ,୨୪।୪(ସ୍ୱ.ପ୍ର.)**

ଗୌରପୁର ପଞ୍ଚାୟତ ତୁଳସୀପୁର ଗ୍ରାମର ଏକ ପୋଖରୀ ନିକଟରେ କୋରେଇ ପୋଲିସ ବୁଧବାର ଚଢ଼ାଉ କରି ୧୫ ବୋତଲ ବିଦେଶୀ ମଦ ଜବତ କରିବା ସହ ବ୍ୟବସାୟୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଉକ୍ତ ଗ୍ରାମର ପ୍ରେମାନନ୍ଦ ସାହୁ। ଏ ନେଇ ପୋଲିସ ଏକ ମାମଲା (ନଂ.୯୦/୧୯) ରୁଜୁ କରିଛି। ଏହି ଚଢ଼ାଉରେ ଏଏସ୍ଆଇ ସଲିଳ କୁମାର ମଲ୍ଲିକ, କନଷ୍ଟେବଲ ଦୀପ୍ତିରଞ୍ଜନ ଗିରି ଏବଂ ହୋମଗାର୍ଡ଼ କ୍ଷେତ୍ରବାସୀ ମାଝି ପ୍ରମୁଖ ସାମଲ ହୋଇଥିଲେ।

# ନିର୍ବାଚନ ଆଳରେ ଲଗାଯାଉଛି ୧୦୭ ଦଫା

**ରସୁଲପୁର,୨୪।୪(ଡି.ଏନ୍.ଏ.)**

ଶାନ୍ତିଭଙ୍ଗ ଓ ବିଶୃଙ୍ଖଳା ସୃଷ୍ଟିକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣଭାବେ ସିଆରପିସିର ଦଫା ୧୦୭କୁ ବ୍ୟବହାର କରାଯାଏ। ପ୍ରଶାସନ ପକ୍ଷରୁ ବିଶୃଙ୍ଖଳାକାରୀଙ୍କୁ ସତର୍କ କରାଇବା ପାଇଁ ଏହି ନୋଟିସ ଜାରି କରାଯାଇଥାଏ । ଏହି ନୋଟିସ ପାଇଥିବା ବ୍ୟକ୍ତି ଓ ଗୋଷ୍ଠୀ ବିଶେଷ ତହସିଲଦାରଙ୍କ ସମ୍ମୁଖରେ ହାଜର ହେବା ସହ ପ୍ରତିଶ୍ରୁତି ପତ୍ରରେ ଦସ୍ତଖତ କରି ମୁକୁଳି ଥାଆନ୍ତି। ଏଦିଗରେ ଖିଲାପକାରୀମାନଙ୍କ ବିରୋଧରେ ତହସିଲଦାରଙ୍କ କୋର୍ଟରୁ ୱାରେଣ୍ଟ ମଧ୍ୟ ଜାରିକରାଯାଇଥାଏ। ମାତ୍ର ନିର୍ବାଚନ ସମୟରେ ଶାନ୍ତି ଭଙ୍ଗ ଆଶଙ୍କାର ଦ୍ୱାହି ଦେଇ ପ୍ରଶାସନ ସାଧାରଣ ଲୋକଙ୍କ ନାମରେ ୧୦୭ ନୋଟିସ ଜାରିକରୁଥିବା ଦେଖାଯାଉଛି। ସମ୍ପ୍ରତି ଯେଉଁମାନେ ଅପରାଧଠାରୁ ବହୁ ଦୂରରେ ରହିଛନ୍ତି ସେମାନଙ୍କ ବିରୋଧରେ ୧୦୭ ନୋଟିସ୍ ଜାରି କରିବା ଏକ ପ୍ରକାର ଆଇନର ଅପବ୍ୟବହାର ବୋଲି ଅଭିଯୋଗ ହେଉଛି। ଯେଉଁମାନଙ୍କ ବିରୋଧରେ ଏହି ନୋଟିସ ଜାରି କରାଯାଉଛି, ତାର ଅବଧି ଓ ବାସ୍ତବ ସ୍ଥିତିକୁ ସମୀକ୍ଷା କରାଯାଉ ନାହିଁ। କୁଆଖିଆ ପୋଲିସଠାରୁ ମିଳିଥିବା ସୂଚନାରୁ ଏହା ସ୍ପଷ୍ଟ ହୋଇଛି।

୨୦୦୯, ୨୦୧୪ ସାଧାରଣ ନିର୍ବାଚନ ଓ ୨୦୧୨ ଓ ୨୦୧୭ ପଞ୍ଚାୟତ ନିର୍ବାଚନ ସମୟରେ ଗଣ୍ଡଗୋଳରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କ ବିରୋଧରେ ଏବେ ଏହି ନୋଟସ୍ ଜାରି କରାଯାଉଛି। କୋର୍ଟ ନିର୍ଦ୍ଦେଶ ମୁତାବକ ପୂର୍ବରୁ ଅପରାଧିକ ମାମଲାରେ ଜଡିତ ହୋଇଥିବା ଅଭିଯୁକ୍ତ, ଯେଉଁମାନଙ୍କ ନାଁରେ ଥାନାରେ ମାମଲା ରୁଜୁ କରାଯାଇଛି। ସେମାନଙ୍କୁ ଏହି ଧାରା ପରିସରଭୁକ୍ତ କରାଯାଇପାରିବ ନାହିଁ। ଏହି ଧାରାରେ ସମନ କରାଯାଉଥିବା ରେଜିଷ୍ଟାର ପୃଥକ ଭାବରେ ପରିଚାଳନା କରାଯିବ। ହେଲେ ଏଠାରେ ଏଦିଗରେ ବ୍ୟତିକ୍ରମ ଘଟୁଛି । ୧୦ବର୍ଷ ତଳେ କୌଣସି ମାମଲାରେ ଛନ୍ଦି ହୋଇଥିବା ଲୋକ ଓ ଗୋଷ୍ଠୀଙ୍କ ନାମରେ ଏବେ ନିର୍ବାଚନର ଆଳ ଦେଖାଇ ୧୦୭ ନୋଟିସ୍ ଲାଗୁ କରାଯାଉଛି। ସେମାନଙ୍କ ସାମ୍ପ୍ରତିକ ସାମାଜିକ ସ୍ଥିତିକୁ ସମୀକ୍ଷା କରାଯାଉ ନାହିଁ। ଏପରି କି ସମନ ଜାରି କରାଯାଇଥିବା ବ୍ୟକ୍ତିମାନଙ୍କ ମଧ୍ୟରେ କେତେକ ମରି ଯାଇଥିବାବେଳେ କେତେକ କ୍ଷେତ୍ରରେ ମାମଲା ରଫାଦଫା ହୋଇଗଲାଣି। ଏପରିକି ମହିଳାଙ୍କ କ୍ଷେତ୍ରରେ ସ୍ଥିତି ଭିନ୍ନ ରହିଛି। ମହିଳାମାନେ ବିବାହ କରି ଅନ୍ୟତ୍ର ରହୁଥିବାବେଳେ ସେମାନଙ୍କ ନାଁରେ ବାପ ଘରକୁ ୧୦୭ ନୋଟିସ ଆସୁଛି। ଏସମ୍ପର୍କରେ ଶାଶୁ ଘର ଲୋକେ ଅବଗତ ହେଲେ ପାରିବାରିକ ଅଶାନ୍ତିକୁ ଏଡ଼ାଇ ଦିଆଯାଇ ନ ପାରେ। ଏହିକ୍ରମରେ ରସୁଲପୁର ତହସିଲ ଅଧିନସ୍ଥ ୨୮ଗୋଟି ପଞ୍ଚାୟତ କୁଆଖିଆ, ଯାଜପୁର ସଦର, ଯାଜପୁର ରୋଡ ଓ ଧର୍ମଶାଳା ଭଳି ୪ଟି ଥାନା ବିଭକ୍ତ ହୋଇଛି । ଯାଜପୁର ସଦର ଥାନା ଛଡ଼ା ଅନ୍ୟ ୩ଟି ଥାନାରୁ ୨୦୦ରୁ ଊର୍ଦ୍ଧ୍ୱ ମାମଲା ଉପରେ୧୦୭ନୋଟିସ ଜାରି କରିବା ପାଇଁ ସୁପାରିଶ କରାଯାଇଛି। ସେହି ହିସାବରେ ତହସିଲ ପକ୍ଷରୁ ନୋଟିସ ଜାରି କରାଯାଇଛି । ଏହା ମଧ୍ୟରେ ୩ଟି କୋର୍ଟ ଜରିଆରେ ମାମଲା ଗୁଡିକୁ ବିଚାର ସରିଛି। ଶତକଡ଼ା ୯୫ଭାଗ ନୋଟିସଧାରୀ ନିର୍ଦ୍ଧାରିତ ତାରିଖରେ ହାଜର ହୋଇ ପ୍ରତିଶ୍ରୁତି ପତ୍ରରେ ଦସ୍ତଖତ କରୁଛନ୍ତି ବୋଲି ତହସିଲ ସୂତ୍ରରୁ ଜଣାପଡ଼ିଛି । ପ୍ରଥମାଖଣ୍ଡ ପଞ୍ଚାୟତର ସଞ୍ଜୟ ମହାନ୍ତି ପେଷାରେ ଦିନ ମଜୁରିଆ । ସେ ରାଜନୀତିରେ ଧାର ଧାରନ୍ତି ନାହିଁ। ହେଲେ ସେ ସାମାଜିକ ଶାନ୍ତି ଭଙ୍ଗ କରୁଥିବା ଅଭିଯୋଗରେ ତାଙ୍କୁ ୧୦୭ ନୋଟିସ ଜାରି ହୋଇଛି। ଏହି ପଞ୍ଚାୟତର ସୁନୀଲ ନାୟକ ଜଣେ ଉଚ୍ଚ ଶିକ୍ଷିତ ଓ ଉଦୀୟମାନ ଯୁବକ। ସେ ଶାନ୍ତ ସରଳ ସ୍ୱଭାବର ହୋଇଥିଲେ ସୁଦ୍ଧା ତାଙ୍କୁ ମଧ୍ୟ ୧୦୭ ନୋଟିସ ଜାରି ହୋଇଛି। ସେହିପରି ରାଜେନ୍ଦ୍ରପୁର ପଞ୍ଚାୟତ ହାଟସାହିର ନଟବର ବେହେରା ଗଣେଶ ସେଠୀ ଓ କେଶବ ବେହେରା ପ୍ରମୁଖଙ୍କୁ ୧୦୭ ନୋଟିସ ଜାରି ହୋଇଛି। ତେବେ କାହିଁକି ସେମାନଙ୍କ ବିରୋଧରେ ୧୦୭ ନୋଟିସ ଜାରି ହୋଇଛି ତାହା ସେମାନେ ଜାଣି ନାହାନ୍ତି ବୋଲି କହିଛନ୍ତି। ଏ ସମ୍ପର୍କରେ ତହସିଲଦାର ଜ୍ୟୋତିକାନ୍ତ ଭୁଜବଳଙ୍କୁ ପଚାରିବାରୁ ସେ ନିର୍ବାଚନକୁ ଦୃଷ୍ଟିରେ ରଖି ଏଭଳି ନୋଟିସ ଜାରି କରିଛନ୍ତି। ସମଗ୍ର ରାଜ୍ୟରେ ଏଭଳି ଘଟୁଛି । ଏଦିଗରେ କିଛିଟା ଭୂଲତ୍ରୁଟି ରହୁଥିବା କଥାକୁ ସେ ସ୍ୱୀକାର କରିଛନ୍ତି । ମାତ୍ର ଯେଉଁଠି ଭୁଲ୍ ହୋଇଥିବା ନଜର ଆସିବ ତାକୁ ଗୁରୁତର ସହ ବିଚାର କରିବେ ବୋଲି ପ୍ରକାଶ କରିଛନ୍ତି ।

SBI ଭାରତୀୟ ଷ୍ଟେଟ୍ ବ୍ୟାଙ୍କ
ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା (SARB), ମଧୁପାଟଣା, କଟକ-୭୫୩୦୧୦
ଦଖଲ ନୋଟିସ୍ (ସ୍ଥାବର ସମ୍ପତ୍ତି ନିମନ୍ତେ) [ରୁଲ୍ ୮(୧)]

ସରଫେଶୀ ଆକ୍ଟ ୨୦୦୨ର ଧାରା ୧୩(୪) ଅନୁଯାୟୀ ଦଖଲ ନିଆଯାଇଥିବା ସମ୍ପତ୍ତି ସମ୍ବନ୍ଧୀୟ ବିଜ୍ଞପ୍ତି ପ୍ରକାଶନ

ଏତଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକସନ ଅଫ୍ ଫାଇନାନ୍‌ସିଆଲ୍ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ (୨୦୦୨ ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୩ ଅନୁଯାୟୀ ନିମ୍ନଲିଖିତ ଆକାଉଣ୍ଟକୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଋଣ ରାଶି କଥିତ ନୋଟିସ୍ ପାଇବାର **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା।

ଯେହେତୁ ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ ମାଧ୍ୟମରେ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩(୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡିକୁ ନିମ୍ନଦର୍ଶିତ ତାରିଖରେ **ଦଖଲ** ନେଇଛନ୍ତି। ତେଣୁ ବିଶେଷତଃ ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କୁ ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି କାରବାର କଲେ ନିମ୍ନରେ ଦର୍ଶାଯାଇଥିବା ରାଶି ସହିତ ସୁଧ ଏବଂ ସେବାବଦ ଅନ୍ୟାନ୍ୟ ଖର୍ଚ୍ଚ ନିମନ୍ତେ **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ** ନିକଟରେ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତା/ଜାମିନ୍‌ଦାରମାନଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮)ର ବ୍ୟବସ୍ଥା ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ।**

| ଆକାଉଣ୍ଟର ନାମ/ଋଣଗ୍ରହୀତାଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ଜାମିନ୍‌ଦାରଙ୍କ ନାମ ଏବଂ ଠିକଣା / ସମ୍ପତ୍ତି ମାଲିକମାନଙ୍କ ନାମ | ବନ୍ଧକପ୍ରାପ୍ତ ସମ୍ପତ୍ତିର ବିବରଣୀ | ଡିମାଣ୍ଡ ନୋଟିସ୍ ତାରିଖ | ଦଖଲ ତାରିଖ | ବକେୟା ପରିମାଣ |
|---|---|---|---|---|---|
| **ଋଣଗ୍ରହୀତା: ମେସର୍ସ ସ୍ୱସ୍ତିକ ଇଲେକ୍ଟ୍ରୋନିକ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ଅଭୟ କୁମାର ପାତ୍ର,** ପିତା: ଶ୍ରୀ ଅଶୋକ କୁମାର ପାତ୍ର, ସା: ଆଇସ୍ ଫ୍ୟାକ୍ଟ୍ରି ରୋଡ୍, କଲେଜ ଛକ, କଟକ-୭୫୩୦୦୩ / **ଆକାଉଣ୍ଟ ନଂ.: ୩୬୫୨୦୩୮୬୨୧୩** | **ଜାମିନ୍‌ଦାର: ଶ୍ରୀ ଅଶୋକ କୁମାର ପାତ୍ର,** ପିତା: ୰ ରସାନନ୍ଦ ପାତ୍ର ଓରଫ ରମାନନ୍ଦ ପାତ୍ର, ସା: ଆଇସ୍ ଫ୍ୟାକ୍ଟ୍ରି ରୋଡ୍, କଲେଜ ଛକ, କଟକ-୭୫୩୦୦୩ / **ସମ୍ପତ୍ତି ମାଲିକମାନେ: ଶ୍ରୀ ଅଭୟ କୁମାର ପାତ୍ର ଏବଂ ଶ୍ରୀ ଅଶୋକ କୁମାର ପାତ୍ର** | **(୧) ଶ୍ରୀ ଅଭୟ କୁମାର ପାତ୍ରଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର, ୟୁନିଟ୍ ନଂ.-୨୪, କଲେଜ ଛକ, ଖାତା ନଂ.: ୩୪୦/୨୬୮, ପ୍ଲଟ୍ ନଂ.: ୨୨୧୧/୨୯୬୩, କ୍ଷେତ୍ର: ଏକର୦.୦୨୨.୫ଡିସିମିଲି, କିସମ: ଘରବାରୀ, **(୨) ଶ୍ରୀ ଅଶୋକ କୁମାର ପାତ୍ରଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର, ୟୁନିଟ୍ ନଂ.-୨୪, କଲେଜ ଛକ, ଖାତା ନଂ.: ୩୪୦/୨୩, ପ୍ଲଟ୍ ନଂ.: ୮୩୦, କ୍ଷେତ୍ର: ଏକର୦.୦୨୧ଡିସିମିଲି, କିସମ: ଘରବାରୀ, **(୩) ଶ୍ରୀ ଅଭୟ କୁମାର ପାତ୍ରଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: କଟକ ସହର, ୟୁନିଟ୍ ନଂ.-୨୫, ଜୋବ୍ରା, ଖାତା ନଂ.: ୫୩୬/୨୩୫, ପ୍ଲଟ୍ ନଂ.: ୧୦୫୬/୧୯୧୯, କ୍ଷେତ୍ର: ଏକର୦.୦୨୦ଡିସିମିଲି, କିସମ: ଘରବାରୀ | ୦୧.୦୨.୨୦୧୯ | ୨୨.୦୪.୨୦୧୯ | ୩୧.୦୧.୨୦୧୯ ସୁଦ୍ଧା ଟ.୧,୬୯,୯୪,୮୨୩/- + ୦୧.୦୨.୨୦୧୯ ଠାରୁ ତତ୍‌ପରବର୍ତ୍ତି ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ |

**ତାରିଖ: ୨୪.୦୪.୨୦୧୯, ସ୍ଥାନ: କଟକ** — **ସ୍ୱା/-କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

Format C-2

**Declaration about criminal actecedents of candidates set up by the party**

*(As per the judgement dated 25th September, 2018, of Hon'ble Supreme Court in WP (Civil) No.536 of 2011 (Public Interest Foundation & Ors. Vs. Union of India & Anr.).*

Name of Political Party : **BAHUJAN SAMAJ PARTY**
Name of Election : **Legislative Assembly Election 2019 PHASE-IV**
Name of State/UT : **Odisha**

| Sl. No. | Name of Candidate | Name of Constituency | Pending criminal cases | | Details about cases of conviction for criminal offences | |
|---|---|---|---|---|---|---|
| | | | Name of Court, cases No. & status of the case(s) | Sections of the Acts concerned & brief description of offence(s) | Name of Court & date(s) of order(s) | Description of offence(s) & punishment imposed |
| 1 | 2 | 3 | 4 | 5 | 6 | 7 |
| 1 | SUDHAKAR MALIK | Aul | Aul Police Station FIR No. 271/2016 JMFC AUL GR 528/2016 (Pending) | Section 147 148 341 323 307 302 379 427 149 Of IPC (The accused person Sudhakar Malik along with others restrained one Radha Shyam Biswal and assaulted him by means of Lathi and deadly weapons and for which he died | N.A | N.A |

## ସଂକ୍ଷେପରେ

### ମହାକାଳପଡ଼ା ନିର୍ବାଚନମଣ୍ଡଳୀ
## ସ୍ୱାଧୀନ ପ୍ରାର୍ଥୀଙ୍କ ଜୋରଦାର ପ୍ରଚାର

**ମାର୍ଶାଘାଇ,୨୪।୪(ଡି.ଏନ୍.ଏ.)-** ମହାକାଳପଡ଼ା ନିର୍ବାଚନମଣ୍ଡଳୀରେ ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ପ୍ରଚାର ଜୋରଦାର ଚାଲିଥିବା ବେଳେ ସ୍ୱାଧୀନ ପ୍ରାର୍ଥୀମାନେ ମଧ୍ୟ ଜୋରଦାର ପ୍ରଚାର ଚଳାଇଛନ୍ତି। ଭିନ୍ନ ଭିନ୍ନ ସ୍ୱରରେ ଗୀତ ଲଗାଇବା ସହ ଘର ଘର ବୁଲି ଭୋଟ ପାଇଁ ନିବେଦନ କରୁଛନ୍ତି। ସ୍ୱାଧୀନ ପ୍ରାର୍ଥୀ ଦେବେନ୍ଦ୍ର ରାଉତଙ୍କୁ ମୁଦି ଚିହ୍ନ ମିଳିଛି। ମହାକାଳପଡ଼ା ବ୍ଲକ ଅମେଇପାଳର ଝିଅ ତଥା ସ୍ୱାଧୀନ ପ୍ରାର୍ଥୀ ମମତା ସାମନ୍ତରାୟ ମଧ ତିଖିରୀ, ଅମେଇପାଳ, ଜୟଚନ୍ଦ୍ରପୁର, ପାଟଲିପଙ୍କ, ଖୁରୁସିଆ ପ୍ରଭୃତି ଅଞ୍ଚଳରେ ଘର ଘର ବୁଲି ଘରକୁ ଘର ବୁଲି ପ୍ରଚାର ଚଳାଇଛନ୍ତି। ଅନ୍ୟତମ ସ୍ୱାଧୀନ ପ୍ରାର୍ଥୀ ଭୀମସେନ ସେଠୀ ସରକାର ବିରୋଧୀ ନାରା ଦେଇ ନିଜ ସପକ୍ଷରେ ଭୋଟ ମାଗୁଥିବା ଦେଖାଯାଉଛି।

## ଭାଗବତପୁର ସରପଞ୍ଚଙ୍କ ବିୟୋଗରେ ଶୋକ

**ଡେରାବିଶ,୨୪।୪(ସ୍ୱ.ପ୍ର.)-**କେନ୍ଦ୍ରାପଡ଼ା ଜିଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ସଭା କକ୍ଷରେ ବୁଧବାର ପୂର୍ବାହ୍ନରେ ଭାଗବତପୁର ପଞ୍ଚାୟତ ସରପଞ୍ଚ ସ୍ୱର୍ଗତ ଚିତ୍ତରଞ୍ଜନ ବେହେରାଙ୍କ ଅକାଳ ବିୟୋଗରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଅଧକ୍ଷା ଅସୀମା ବେଉରାଙ୍କ ଆବାହକତ୍ୱରେ ଆୟୋଜିତ ଏହି ସଭାରେ ଲୋପାମୁଦ୍ରା ପଣ୍ଡା, ଶରତ କୁମାର ନାୟକ, ବିଦ୍ୟୁଲ୍ଲତା ସାହୁ, ଦିଲ୍ଲୀପ କୁମାର ସାହୁ, ଗଣେଶ ପ୍ରସାଦ ଜେନା, ରାଜକିଶୋର ଲେଙ୍କା, ସରୋଜିନୀଦାସ, ରଜତ କୁମାର ସ୍ୱାଇଁ, ଲକ୍ଷ୍ମୀଧର ସାହୁ, ସୁଜାତା ସାମଲ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ବେହେରାଙ୍କ ସ୍ମୃତିଚାରଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଭାବ କୁମାର ସାହୁ, ଖଗେଶ୍ୱର ସେଠୀ, ଶକ୍ତିକାନ୍ତ ବୋଇତେଲ, ମାନସରଞ୍ଜନ ସାହୁ, ପ୍ରତାପ ଚନ୍ଦ୍ର ସାହୁ, ରତିକାନ୍ତ ସାମଲ, ଖୁକୁମନି ମିସ୍ତ୍ରି, ରୋଜାଲିନୀ ବେହେରା, ଗୀତାଞ୍ଜଳି ସାହୁ, ରୀତାଞ୍ଜଳି ସାହୁ, ସୁନୀଲ ସାହୁ, ଧର୍ମେନ୍ଦ୍ର ସାହୁ, ଶୁଭଶ୍ରୀ ପ୍ରଧାନ, ବନିତା ମହାରଣା, ଲିପ୍‌ସାପ୍ରଜ୍ଞା ଲେଙ୍କା, ବିଭୁସ୍ମିତା ମିଶ୍ର, ପ୍ରିୟଙ୍କା ପ୍ରିୟଦର୍ଶିନୀ ମିଶ୍ର ପ୍ରମୁଖ ସାମିଲ ହୋଇଥିଲେ।

## ତାଳଚୁଆରେ ମୋବାଇଲ କ୍ୟାମ୍ପ କୋର୍ଟ

**ରାଜନଗର,୨୪।୪(ଡି.ଏନ୍.ଏ.)-** ରାଜନଗର ଗ୍ରାମ୍ୟ ନ୍ୟାୟାଳୟ ପକ୍ଷରୁ ତାଳଚୁଆ ପଞ୍ଚାୟତ କାର୍ଯ୍ୟାଳୟରେ ମୋବାଇଲ କ୍ୟାମ୍ପକୋର୍ଟ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ରାଜନଗର ଜେଏମ୍‌ଏଫ୍‌ସି ନ୍ୟାୟାଧୀଶ ଏଥିରେ ଯୋଗଦେଇ ମାମଲାଗୁଡ଼ିକର ବିଚାର କରିଥିଲେ। ଏଥିରେ ୯ଟି ମାମଲାର ଶୁଣାଣି ହୋଇଥିଲା। ସେଥିରୁ ୫ ମାମଲାରେ ଉଭୟ ପକ୍ଷ ମଧ୍ୟରେ ଆପୋସ ସମାଧାନ କରାଯାଇଥିଲା। ଆଇନଜୀବୀ ପ୍ରଭାତ କୁମାର ଜେନା, ନଳିନୀକାନ୍ତ ମଙ୍ଗରାଜ ଓ ଆଇନଜୀବୀ ମନୋରଞ୍ଜନ କବି, ସୁଧାଂଶୁ ଶେଖର ସାହୁ, ନିକୁ କୁମାର ରାଉତ, ଦେବଦତ୍ତ ରାଉଳ ମାମଲା ପରିଚାଳନା କରିଥିଲେ।

## କୁଏତ୍ ଯାଇଥିବା ଶ୍ରମିକଙ୍କ ପତ୍ତା ମିଳୁନି

**କେନ୍ଦ୍ରାପଡା ଅଫିସ,୨୪।୪-**କେନ୍ଦ୍ରାପଡା ଜିଲା ଦାଦନ ସମସ୍ୟାର ଆଉ ଏକ କାହାଣୀ ବୁଧବାର ପଦାକୁ ଆସିଛି। ପଟ୍ଟାମୁଣ୍ଡାଇ ବ୍ଲକ ପେଣ୍ଠପାଳ ଗ୍ରାମର ଖଡୁ ସେଠୀଙ୍କ ପୁଅ ଜଗନ୍ନାଥ କର୍ମ ଅନ୍ୱେଷଣରେ କୁଏତ୍‌କୁ ଯାଇଥିବା ବେଳେ ତାଙ୍କର ପତ୍ତା ମିଳୁନାହିଁ। ଏସମ୍ପର୍କରେ ଚଉଦକୁଲାଟ ଫାଣ୍ଡିରେ ଅଭିଯୋଗ ପତ୍ର ଦାଖଲ ହୋଇଛି। ତେବେ ତଦନ୍ତ ଅଭାବରୁ ପରିବାର ସଦସ୍ୟ ହତୋତ୍ସାହ ହୋଇପଡିଛନ୍ତି। ଅଭିଯୋଗକାରୀ ଜଗନ୍ନାଥଙ୍କ ବଡଭାଇ ସୁରେନ୍ଦ୍ର କହିଛନ୍ତିଯେ, ଗତ ୧୪ରେ ଜଗନ୍ନାଥ କୁଏତ ଯିବା ପାଇଁ ହାଇଦ୍ରାବାଦ ଏୟାର ପୋର୍ଟକୁ ଯାଇଥିଲେ। ସେଠାରୁ ପ୍ଲାଇଟ୍‌ରେ କୁଏତ୍ ଯିବାର କାର୍ଯ୍ୟକ୍ରମ ଥିଲା। ଜଗନ୍ନାଥ ହାଇଦ୍ରାବଦରେ ଥିବା ବେଳେ ଫୋନରେ ପରିବାର ସଦସ୍ୟଙ୍କ ସହ କଥା ହୋଇଥିଲେ। ତେବେ ଏହାପରେ ତାଙ୍କ ଫୋନ କାର୍ଯ୍ୟ କରୁନାହିଁ। ଭାଇଙ୍କୁ ଖୋଜିବା ପାଇଁ ସରକାରଙ୍କଠାରୁ ସୁରେନ୍ଦ୍ର ସହାୟତା ଲୋଡିଛନ୍ତି। ସୂଚନାଯୋଗ୍ୟଯେ, ପ୍ରତିବର୍ଷ କର୍ମ ଅନ୍ୱେଷଣରେ ଜିଲାର ଯୁବବର୍ଗ ବାହାରକୁ ଯାଉଥିବା ବେଳେ ନିର୍ଯ୍ୟାତନାର ଶୀକାର ହେଉଛନ୍ତି। ୨୦୧୭ ଅକ୍ଟୋବରରେ ଏହି ଥାନା ଅନ୍ତର୍ଗତ ନୀଳକଣ୍ଠପୁର ଗ୍ରାମର ରବୀନ୍ଦ୍ର ସାହୁଙ୍କ ପୁଅ ସନ୍ତୋଷ ହାଇଦ୍ରାବଦ ଯାଇଥିବା ବେଳେ ନିଖୋଜ ହୋଇଯାଇଛନ୍ତି।

### ■ ପାଟକୁରା ବିଧାନସଭା ଆସନ ପାଇଁ ତାରିଖ ଘୋଷଣା
# ଜିଲା ନିର୍ବାଚନ କାର୍ଯ୍ୟାଳୟର ତତ୍ପରତା

**କେନ୍ଦ୍ରାପଡା ଅଫିସ, ୨୪।୪**

ଆସନ୍ତା ମେ ୧୯ରେ ପାଟକୁରା ବିଧାନସଭା ଆସନ ପାଇଁ ନିର୍ବାଚନ ହେବ। ବୁଧବାର ଏ ସମ୍ପର୍କରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କ ବିଜ୍ଞପ୍ତି ପରେ କେନ୍ଦ୍ରାପଡ଼ା ଜିଲା ନିର୍ବାଚନ କାର୍ଯ୍ୟାଳୟ ତରଫରୁ ତତ୍ପରତା ପ୍ରକାଶ ପାଇଛି। ପାଟକୁରା ବିଧାନସଭା ରିଟର୍ନିଂ ଅଫିସର ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଏ ସମ୍ପର୍କରେ କହିଛନ୍ତି ଯେ, ବିଜ୍ଞପ୍ତି ପ୍ରକାଶ ପାଇବା ପରେ ଏସମ୍ପର୍କିତ ଏକ ନୋଟିସ ବିଧାନସଭା କାର୍ଯ୍ୟାଳୟରେ ମରାଯାଇଛି। ଏଥିସହ ନିର୍ବାଚନରେ ସାମିଲ ହୋଇଥିବା ପ୍ରାର୍ଥୀ ଓ ରାଜନୈତିକ ଦଳଗୁଡିକୁ ସ୍ପିଡପୋଷ୍ଟରେ ସୂଚନା ଦିଆଯାଉଛି।

ସେହିପରି ବିଧାନସଭା ଅନ୍ତର୍ଗତ ଡେରାବିଶ, ଗରଦପୁର ଓ ମାର୍ଶାଘାଇ ବ୍ଲକ ସମେତ ତହସିଲ ଓ ୫୧ଟି ପଞ୍ଚାୟତ କାର୍ଯ୍ୟାଳୟରେ ଏହି ନୋଟିସ ମରାଯିବ ବୋଲି ସେ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଗତ ୨୦ ତାରିଖରେ ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ମୃତ୍ୟୁ ହୋଇଥିଲା । ଏଥିପାଇଁ ଏହି ବିଧାନସଭା ଆସନ ଲାଗି ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା । ଜନ ପ୍ରତିନିଧି ଆଇନ ୧୯୫୧ ଧାରା ୫୨ (୨) ଅନୁଯାୟୀ ଏହି ଆସନ ପାଇଁ କେବଳ ବିଜେଡି ପ୍ରାର୍ଥୀ ତାଙ୍କର ନାମାଙ୍କନ ପତ୍ର ଦାଖଲ କରିବେ। ଅନ୍ୟ ପ୍ରତିଦ୍ୱନ୍ଦ୍ୱୀଙ୍କ ପ୍ରାର୍ଥିପତ୍ର କାଏମ ରହିବ। ପ୍ରତିନିଧିଙ୍କ ଖର୍ଚ୍ଚ ହିସାବ ସମ୍ପର୍କରେ ରିଟର୍ନିଂ ଅଫିସର ମିଶ୍ର ପ୍ରକାଶ କରିଛନ୍ତିଯେ, ଇତିମଧ୍ୟରେ ପ୍ରାର୍ଥୀମାନେ ଗୋଟିଏ ଥର ଖର୍ଚ୍ଚ ହିସାବ ଦେଇଛନ୍ତି । ନୂତନ ପ୍ରାର୍ଥୀଙ୍କ ସମେତ ସମସ୍ତ ପ୍ରାର୍ଥୀଙ୍କୁ ନେଇ ଏସମ୍ପର୍କରେ ଏକ ବୈଠକ କରାଯାଇ ନିଷ୍ପତ୍ତି ନିଆଯିବ । ସେହିପରି ସେ ପ୍ରକାଶ କରିଛନ୍ତିଯେ, ନିର୍ବାଚନ ପ୍ରକ୍ରିୟାରେ ସାମିଲ ଥିବା ବେଦପ୍ରକାଶଙ୍କ ନାମ ଇଭିଏମ ଓ ଭିଭିପିଏଟିରେ ଅଦ୍ୟାବଧି ରହିଛି। ନୂତନ ପ୍ରାର୍ଥୀଙ୍କୁ ସାମିଲ କରାଯିବା ପରେ ଏଗୁଡିକୁ ର୍‍ୟାଣ୍ଡମାଜାଇସନ କରାଯିବ। ସମୟ ଅବଧି କମ୍ ଥିଲେ ମଧ୍ୟ ଏଥିରେ କୌଣସି ସମସ୍ୟା ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି। ନିର୍ବାଚନ ଅଧିକାରୀଙ୍କ ଏହି ନିଷ୍ପତ୍ତିକୁ ପ୍ରାର୍ଥୀମାନେ ଖୁସିର ସହ ଗ୍ରହଣ କରିବେ ବୋଲି ସେ ପ୍ରକାଶ କରିଛନ୍ତି ।

ଏ ସମ୍ପର୍କରେ ଭାଜପା ପ୍ରାର୍ଥୀ ବିଜୟ କୁମାର ମହାପାତ୍ର କୁହନ୍ତି ଯେ, ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ନିର୍ବାଚନକୁ ଘୁଞ୍ଚାଇବାକୁ ପାଟକୁରାବାସୀ ଚାହାନ୍ତି ନାହିଁ । ଏହା ଫଳରେ କେତେଜଣ ବ୍ୟକ୍ତି ଓ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଷଡ଼ଯନ୍ତ୍ର ଓ ଚକ୍ରାନ୍ତର ଶିକାର ଭୋଟରଙ୍କୁ ହେବାକୁ ପଡିବ ନାହିଁ। ସେହିପରି କଂଗ୍ରେସ ପ୍ରାର୍ଥୀ ଜୟନ୍ତ ମହାନ୍ତି କୁହନ୍ତି ଯେ, ବେଦପ୍ରକାଶଙ୍କ ମୃତ୍ୟୁ ପରେ ପ୍ରଚାର କାର୍ଯ୍ୟ ଧିମା ହୋଇଛି । ନିର୍ବାଚନ ତାରିଖ ଘୋଷଣା ପରେ ଅଞ୍ଚଳବାସୀଙ୍କ ମନରେ ଥିବା ଅନିଶ୍ଚିତତା ପ୍ରଶ୍ନର ଉତ୍ତର ମିଳିଛି। ଏହି ନିର୍ବାଚନରେ କଂଗ୍ରେସ ନିଶ୍ଚିତ ଭାବେ ବିଜୟୀ ହେବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟଯେ, ଏହି ଆସନ ପାଇଁ ପୂର୍ବରୁ ଭାଜପା ପ୍ରାର୍ଥୀ ମହାପାତ୍ର, କଂଗ୍ରେସ ପ୍ରାର୍ଥୀ ମହାନ୍ତିଙ୍କ ସମେତ ସମାଜବାଦୀ ପାର୍ଟିର ପ୍ରଦୀପ କୁମାର ମିଶ୍ର ଓ କୃପା ପାର୍ଟିର ଶ୍ରୀକାନ୍ତ ସାମଲ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ସେହିପରି ସ୍ୱାଧୀନ ପ୍ରାର୍ଥୀ ଭାବେ ଦିବ୍ୟସିଂହ ଦାସ, ପରମାନନ୍ଦ ମହାରଣା, ପ୍ରଫୁଲ୍ଲ କୁମାର ବେହେରା, ରତିକାନ୍ତ କାନୁନଗୋ ଓ ସଞ୍ଜୟ କୁମାର ସ୍ୱାଇଁ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି।

### ■ ଦୁର୍ଘଟଣାରେ ବାଇକ୍ ଆରୋହୀ ମୃତ
## ମୃତଦେହ ରଖି ଗ୍ରାମବାସୀଙ୍କ ରାସ୍ତାରୋକୋ



ଖରିନାସୀ ହାଇସ୍କୁଲ ଛକଠାରେ ମୃତଦେହ ରଖି ଗ୍ରାମବାସୀଙ୍କ ରାସ୍ତାରୋକୋ।

**ମହାକାଳପଡ଼ା,୨୪।୪(ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ବଉଳକଣୀ ପଞ୍ଚାୟତ ଅଫିସ ନିକଟରେ ଏକ ପିକଅପ୍ ଭ୍ୟାନ ଧକ୍କାରେ ବୁଧବାର ବାଇକ୍‌ରେ ଆସୁଥିବା ଖରିନାସୀର ଲିଟନ ଦାସ (୨୩)ଙ୍କ ମୃତ୍ୟୁ ଘଟିଥିବା ବେଳେ ରଞ୍ଜିତ ଦାସ (୨୮) ଗୁରୁତର ହୋଇଥିଲେ। ଏହାର ପ୍ରତିବାଦରେ ଗୁରୁବାର କ୍ଷତିପୂରଣ ଦାବିରେ ପରିବାର ଲୋକେ ଓ ଗ୍ରାମବାସୀ ଖରିନାସୀ ହାଇସ୍କୁଲ ଛକର ମୁଖ୍ୟ ରାସ୍ତାରେ ମୃତଦେହ ରଖି ରାସ୍ତାରୋକୋ କରିଥିଲେ। ଫଳରେ ୩ ଘଣ୍ଟା ପର୍ଯ୍ୟନ୍ତ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା।

ସୂଚନାଯୋଗ୍ୟ, ଲିଟନ ଓ ରଞ୍ଜିତା କେନ୍ଦ୍ରାପଡ଼ାର ବାରୁଅ ପଡ଼ିଆରେ ହୋଇଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିବାକୁ ଯାଇଥିଲେ। ସେଠାରୁ ଫେରୁଥିବା ବେଳେ ବଉଳକଣୀ ପଞ୍ଚାୟତ ଅଫିସ ନିକଟରେ ଖରିନାସୀ ପଟୁ ଆସୁଥିବା ଏକ ପିକଅପ୍ ଭ୍ୟାନ ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଲିଟନଙ୍କ ମୃତ୍ୟୁ ଘଟିଥିବା ବେଳେ ସ୍ଥାନୀୟ ଲୋକେ ରଞ୍ଜିତଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଏବେ ସେ ସେଠାରେ ଚିକିତ୍ସାଧୀନ ରହିଛନ୍ତି। ଏନେଇ ଜମ୍ବୁ ମେରାଇନ୍ ପୋଲିସ ପକ୍ଷରୁ ଘଟଣାସ୍ଥଳରୁ ପିକ୍‌ଅପ୍ ଭ୍ୟାନ ଓ ବାଇକ୍‌କୁ ଜବତ କରାଯାଇଛି। ଥାନା ପକ୍ଷରୁ ମାମଲା (ନଂ–୩୫/୧୯) ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି। ଅପରପକ୍ଷେ ମୃତକ ପରିବାର ସଦସ୍ୟ ଓ ଗ୍ରାମବାସୀ ମିଳିତ ହୋଇ ଖରିନାସୀ ହାଇସ୍କୁଲ ଛକରେ ମୃତଦେହ ରଖି ରାସ୍ତାରୋକୋ କରିଛନ୍ତି। ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ସେମାନେ ଦାବି କରିଛନ୍ତି। ଖବରପାଇ ଘଟଣାସ୍ଥଳରେ ଅତିରିକ୍ତ ତହସିଲଦାର ଅଜିତ କୁମାର ସାହୁ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ତାଙ୍କ କହିବାନୁସାରେ ଏବେ ନିର୍ବାଚନ ପାଇଁ ଆଦର୍ଶ ଆଚରଣ ବିଧି ଲାଗୁ ହୋଇଛି। ନିର୍ବାଚନ ପରେ ପ୍ରଶାସନ ପକ୍ଷରୁ ଏନେଇ ଆଲୋଚନା କରାଯାଇ ଆଗାମୀ ପଦକ୍ଷେପ ନିଆଯିବ। ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ପ୍ରତ୍ୟାହୃତ ହୋଇଥିଲା।

## ଆଧୁନିକ ଶିକ୍ଷା ସହ ସଂସ୍କୃତିକୁ ସମ୍ମାନ ଦେବା ଆବଶ୍ୟକ

**ମାର୍ଶାଘାଇ,୨୪।୪(ଡି.ଏନ୍.ଏ.)–** ମାର୍ଶାଘାଇ ବ୍ଲକ କରିଲୋପାଟଣା ସେଣ୍ଟ ଜାଭିୟର ସ୍କୁଲର ପ୍ରଥମ ବାର୍ଷିକ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍କୁଲ ଅଧକ୍ଷ ଗୋଲେଖ ଚନ୍ଦ୍ର ଖୁଣ୍ଟିଆଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜୁଭେନାଇଲ୍ ବୋର୍ଡ ସଦସ୍ୟ ବିପିନ ବିହାରୀ ବାରିକ ଯୋଗଦେଇ ପିଲାମାନେ ଆଧୁନିକ ଶିକ୍ଷା ଗ୍ରହଣ କରିବା ସହ ସଂସ୍କୃତି ପରମ୍ପରାକୁ ଉଚିତ ସମ୍ମାନ ଦେବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ରାପଡ଼ା ପବ୍ଲିକ ସ୍କୁଲ ପ୍ରତିଷ୍ଠାତା ପ୍ରାଧ୍ୟାପକ ଅଜୟ କୁମାର ରାଉତ ମୁଖ୍ୟବକ୍ତା, କରିଲୋପାଟଣା ମହାବିଦ୍ୟାଳୟ ଅଧକ୍ଷ ଅରକ୍ଷିତ ସାମନ୍ତରାୟ, କୋରୁଆ ଏଲ.ଏନ୍. ମହାବିଦ୍ୟାଳୟ ଅଧକ୍ଷ ଅଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସ୍କୁଲର ପ୍ରତିଷ୍ଠାତା ସଂଗ୍ରାମ କେଶରୀ ଜେନା ସଭାରେ ଉପସ୍ଥିତ ରହି ସିବିଏସ୍‌ସି ପଦ୍ଧତିରେ ଜାଭିୟର ସ୍କୁଲ ଛାତ୍ରୀଛାତ୍ରମାନଙ୍କୁ ଉନ୍ନତ ଶିକ୍ଷା ପ୍ରଦାନ କରିବା ସହ ସମୃଦ୍ଧ



ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

ଭବିଷ୍ୟତ ଗଢ଼ି ତୋଳିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି କହିଥିଲେ। ଉପଦେଷ୍ଟା ମଣ୍ଡଳୀ ସଦସ୍ୟ କେଦାର ସାମନ୍ତରାୟ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହକାରୀ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ମଣ୍ଡଳ ବିବରଣୀ ପାଠ କରିଥିଲେ। ଶିକ୍ଷୟିତ୍ରୀ ମନିଷା ରାଉତ, ସନ୍ତୋଷୀ ଜେନା, ସତ୍ୟବତୀ ମଣ୍ଡଳ, ଲାଟୁ ରାଉତ, ପ୍ରତିଭା ସାହୁ ପ୍ରମୁଖ ଯୋଗଦେଇଥିଲେ।

## ବିଜେଡି ପ୍ରାର୍ଥୀଙ୍କ ଶୋଭାଯାତ୍ରା

**ମହକାଳପଡ଼ା,୨୪।୪(ଡି.ଏନ୍.ଏ.)–** ମହାକାଳପଡା ବ୍ଲକ ଅନ୍ତର୍ଗତ ବଟିଘର ପଞ୍ଚାୟତରେ ବୁଧବାର ବିଜେଡିର କେନ୍ଦ୍ରାପଡା ଲୋକସଭା ପ୍ରାର୍ଥୀ ଅନୁଭବ ମହାନ୍ତି ଓ ମହାକାଳପଡା ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକ ପହଞ୍ଚି ଶୋଭାଯାତ୍ରା କରିଛନ୍ତି। ଏହି ଅବସରରେ ପଞ୍ଚାୟତର ବଡଚୁବି, ସାନୁଚୁବି, ଉତ୍ତରଖୋଳା, ଦକ୍ଷିଣଖୋଳା, ବଟିଘର, ଓ ନିପାଣିଆ ଆଦି ଗ୍ରାମ ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ରାକେଶ ମହାପାତ୍ର, ଗିରିଧାରୀ ଗିରି, ତାପସ ସର୍ଦ୍ଦାର, ଓ ଅନୀତା ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।

### ■ ପାଟକୁରା ନିର୍ବାଚନମଣ୍ଡଳୀ
## ପ୍ରଚାରରେ କଂଗ୍ରେସ ଆଗୁଆ

**ଡେରାବିଶ, ୨୪।୪ (ସ୍ୱ.ପ୍ର.)**

ପାଟକୁରା ବିଜେଡି ବିଧାୟକ ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ଦେହାନ୍ତ ପରେ ଏହି ନିର୍ବାଚନ କ୍ଷେତ୍ରରେ ନିର୍ବାଚନ ଘୁଞ୍ଚାଇ ଦିଆଯାଇଛି। ଏପ୍ରିଲ ୨୯ ବଦଳରେ ଆସନ୍ତା ମେ ୧୯ ତାରିଖରେ ଏଠାରେ ବିଧାୟକ ପ୍ରାର୍ଥୀଙ୍କ ନିମନ୍ତେ ଭୋଟ ଗ୍ରହଣ ହେବ। ତେବେ ବିଜେଡି ବିଧାୟକ ପ୍ରାର୍ଥୀଙ୍କ ଦେହାନ୍ତ ପରେ କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀ ଅନୁଭବ ମହାନ୍ତିଙ୍କ ନିର୍ବାଚନ ପ୍ରଚାରରେ ଭଟ୍ଟାପଡ଼ିଯାଇଛି।

ସେହିପରି ଭାଜପା ଏମ୍‌ପି ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ପ୍ରଚାର ମଧ୍ୟ ଏଠାରେ ଧିମେଇ ଯାଇଛି। ମାତ୍ର କଂଗ୍ରେସ ଏମ୍‌ପି ପ୍ରାର୍ଥୀ ଧରଣୀଧର ନାୟକ ଓ ବିଧାୟକ ପ୍ରାର୍ଥୀ ଜୟନ୍ତ ମହାନ୍ତି ଏଠାରେ ନିର୍ବାଚନୀ ପ୍ରଚାର ଜମାଇଛନ୍ତି। ବିଭିନ୍ନ ସ୍ଥାନରେ ରୋଡ୍ ଶୋ, ପଥପ୍ରାନ୍ତ ସଭା ଓ ସାଧାରଣ ସଭା କରି ଭୋଟରମାନଙ୍କ ନିକଟତର ହେବାରେ ଲାଗିଛନ୍ତି।

ସୂଚନାଥାଉ କି, ବେଦପ୍ରକାଶଙ୍କ ମୃତ୍ୟୁ ପରେ ଅନୁଭବଙ୍କ ପକ୍ଷରେ ପାଟକୁରା ଜନସାଧାରଣ ତଥା ଭୋଟରମାନଙ୍କ ନିକଟରେ ପହଞ୍ଚିବା କଷ୍ଟ ହୋଇପଡ଼ିଛି। ତେବେ ବେଦୁବାବୁଙ୍କ ମୃତ୍ୟୁ ପରେ ତାଙ୍କ ସମର୍ଥିତ କର୍ମୀଙ୍କ ମଧ୍ୟରୁ ଉତ୍ସାହ କମିଯାଇଛି। ବିଜେଡି ଯଦି ତାଙ୍କ ପରିବାରର ଅନ୍ୟକାହାକୁ ପ୍ରାର୍ଥୀ କରେ ତେବେ କର୍ମୀମାନଙ୍କ ମଧ୍ୟରେ ପୁରୁଣା ଜୋସ୍ ଫେରିଆସିବ ବୋଲି କେତେଜଣ ମତ ଦେଇଛନ୍ତି। ଏ ପର୍ଯ୍ୟନ୍ତ ପ୍ରାର୍ଥୀଙ୍କୁ ନେଇ କୌଣସି ସ୍ପଷ୍ଟଚିତ୍ର ମିଳି ନ ଥିବାରୁ ଆଶାୟୀମାନେ ନିଜ ନିଜ ସମର୍ଥକଙ୍କୁ କାର୍ଯ୍ୟରେ ଲଗାଉ ନାହାନ୍ତି। ସେହିପରି ଏମ୍‌ପି ପ୍ରାର୍ଥୀ ଅନୁଭବଙ୍କ ରୋଡ ଶୋ କିମ୍ବା ଅନ୍ୟ କାର୍ଯ୍ୟକ୍ରମରେ ବେଦୁବାବୁଙ୍କ ସମର୍ଥକମାନେ ଧର୍ମକୁ ଆଖିଠାର ମାରିବା ଭଳି ସାମିଲ ହେଉଛନ୍ତି। ଏହି ବିଧାନସଭା ଆସନ ପାଇଁ ପୂର୍ବରୁ ରବି ସାମଲ, ତେଜେଶ୍ୱର ପରିଡ଼ା, ପ୍ରମୋଦ ସାହୁ, ଅଜୟ ରାଉତ ଆଶାୟୀ ଥିବା ବେଳେ ଏବେ ମହାକାଳପଡ଼ା ବିଜେଡି ବିଧାୟକ ପ୍ରାର୍ଥୀ ଅତନୁ ସବ୍ୟସାଚୀ ନାୟକଙ୍କ ଭାଇ ଶାନ୍ତନୁଙ୍କ ନାମ ଏଥିରେ ଯୋଡ଼ି ହୋଇଯାଇଛି।

## ବେଦପ୍ରକାଶଙ୍କ ବିୟୋଗରେ ଶୋକସଭା

**ଡେରାବିଶ,୨୪।୪(ସ୍ୱ.ପ୍ର.)–** ପାଟକୁରା ବିଧାୟକ ତଥା ପାଟକୁରାର ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ବିୟୋଗରେ ଡେରାବିଶ ଯୁକ୍ତ ୩ ମହିଳା ମହାବିଦ୍ୟାଳୟରେ ବୁଧବାର ଏକ ଶୋକସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମହାବିଦ୍ୟାଳୟ ଅଧକ୍ଷ ପ୍ରଭାକର ସାମଲ ଅଧକ୍ଷତା କରିଥିଲେ। ସଭାରେ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ରବି ସାମଲ, ବରିଷ୍ଠ ବିଜେଡି ନେତା ହଳଧର ଦାଶ, ପ୍ରାଧ୍ୟାପକ ଚିତ୍ତରଞ୍ଜନ ଦାସ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ଦାସ, ଅବସରପ୍ରାପ୍ତ ସେନା ଅଧିକାରୀ ରଜନୀକାନ୍ତ ମହାନ୍ତି, ଚାଟରାଚକଡ଼ା ପଞ୍ଚାୟତ ବିଜେଡି ସଭାପତି ଶରତ ଚନ୍ଦ୍ର ମଲ୍ଲିକ ଯୋଗଦେଇ ସ୍ୱର୍ଗତ ଅଗ୍ରୱାଲଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ସ୍ନେହଲତା ପରିଡ଼ା, ପ୍ରିୟଦର୍ଶିନୀ ସ୍ୱାଇଁ, ଦୀପ୍ତିମୟୀ ମହାନ୍ତି, ଶୁଭପ୍ରକାଶ ସାମଲ, ସନ୍ଦୀପ ମଧୁସୂଦନ ଦାସ, ଜୟନ୍ତ କୁମାର ନାଥ, ବିଜୟ କୁମାର ବେହେରା, କିଶୋର କୁମାର ଶତପଥୀ ପ୍ରମୁଖ ଯୋଗଦେଇଥିଲେ।

## ପାଟକୁରାରେ କଂଗ୍ରେସର ରୋଡ୍ ଶୋ

**ପାଟକୁରା, ୨୪।୪ (ଡି.ଏନ୍.ଏ.)**

କେନ୍ଦ୍ରାପଡ଼ା ଲୋକ ସଭାର କଂଗ୍ରେସ ପ୍ରାର୍ଥୀ ଧରଣୀଧର ନାୟକ ଓ ପାଟକୁରା ବିଧାୟକ ପ୍ରାର୍ଥୀ ଜୟନ୍ତ ମହାନ୍ତିଙ୍କ ଏକ ରୋଡ ଶୋ ବୁଧବାର ପାଟକୁରାଠାରେ ଅନୁଷ୍ଠିତ ହୋଥିଲା। ନଡିଆବରାଇଠାରୁ ଏହି ରୋଡ ଶୋ ଆରମ୍ଭ ହୋଇ ବଙ୍ଗାଳପୁର, ବଡ଼ବେଡେରା, ମଧୁଶାସନ, ତିକନପୁର, ରାମଚନ୍ଦ୍ରପୁର, ସାନଅଢ଼ଙ୍ଗା କୋରୁଆ କଲେଜ ଛକ, କଳାବୁଦା, ତଳକୁସୁମା, ଗରଦପୁର, ପାଖଡ, ପାଟକୁରା ଦେଇ ପଦ୍ମପୁରଠାରେ ପହଞ୍ଚିଥିଲା। ବିଧାୟକ ଓ ଏମ୍‌ପି ପ୍ରାର୍ଥୀ ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା କରି କଂଗ୍ରେସକୁ ଭୋଟ ଦେବା ପାଇଁ ନିବେଦନ କରିଥିଲେ। ଦୀର୍ଘ ୨୦ବର୍ଷ ଧରି ଓଡ଼ିଶାରେ ବିଜେଡି ସରକାର ଥିଲେ ମଧ୍ୟ କେନ୍ଦ୍ରାପଡାର ଉନ୍ନତି ଦିଗରେ ଦୃଷ୍ଟି ଦିଆଯାଇନାହିଁ। କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ଓ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ମଧ୍ୟ ମିଳିନାହିଁ। ଜିଲାରେ କଳକାରଖାନା ନ ଥିବାରୁ



ରୋଡ୍ ଶୋରେ କଂଗ୍ରେସ ପ୍ରାର୍ଥୀ ଓ କର୍ମୀମାନେ।

ଏଠାକାର ଶିକ୍ଷିତ ଯୁବପିଢ଼ି ରାଜ୍ୟ ବାହାରେ ଦାଦନ ଖଟୁଛନ୍ତି। ତେବେ କଂଗ୍ରେସ ସରକାରକୁ ଆସିଲେ କେନ୍ଦ୍ରାପଡାରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା କରାଯିବା ସହ ଜିଲାର ପ୍ରମୁଖ ସମସ୍ୟାଗୁଡ଼ିକ ସମାଧାନ କରାଯିବ ବୋଲି ଉଭୟ ବିଧାୟକ ଓ ଏମ୍‌ପି ପ୍ରାର୍ଥୀ କହିଥିଲେ। ତେବେ ପାଟକୁରାର କଂଗ୍ରେସ ବିଧାୟକ ପ୍ରାର୍ଥୀ ଓ କେନ୍ଦ୍ରାପଡ଼ା ଏମ୍‌ପି ପ୍ରାର୍ଥୀଙ୍କୁ ଭୋଟ ଦେଇ ଜୟଯୁକ୍ତ କରାଇବାକୁ ଉଭୟ ପ୍ରାର୍ଥୀ ଭୋଟରଙ୍କୁ ନିବେଦନ କରିଥିଲେ। ଏହି ରୋଡ ଶୋରେ ଯୁବକଂଗ୍ରେସ ସଭାପତି ଦିଲୀପ ମହାନ୍ତି, ଜିଲା ସାଧାରଣ ସମ୍ପାଦକ ଅଜିତ୍ ମହାନ୍ତି, ଜୋନ୍ ସଭାପତି ଦିଲୀପ ରାଉତ, ସଂଗ୍ରାମ ପୃଷ୍ଟି, ରଞ୍ଜନ ରାଉତ, ଶଙ୍କର୍ଷଣ ମଲ୍ଲିକ, ପୂର୍ବତନ ବ୍ଲକ ଉପାଧକ୍ଷ ଜ୍ୟୋତିରଞ୍ଜନ ପରିଡ଼ା, ସୁଶୀଲ ମହାନ୍ତି, ଫକୀର ଲେଙ୍କା, ନିରଞ୍ଜନ ରାଉତ, ସୁଦର୍ଶନ ମାହାଳି, ପ୍ରମୋଦ ମହାପାତ୍ର, ଚଗଲି ପଟ୍ଟନାୟକ, ଗୟାଧର ଜେନା, ସୁବାସ ରାଉତ, ସୁବାସ ଜେନା, ଅଶୋକ ଲେଙ୍କା, ସୁଶୀଲ ସାହୁ ପ୍ରମୁଖ ରୋଡ୍ ଶୋକୁ ପରିଚାଳନା କରିଥିଲେ। ଏଥିରେ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

## ସ୍ୱାଧୀନ ପ୍ରାର୍ଥୀ ଅଜୟଙ୍କ ରୋଡ୍ ଶୋ

**ରାଜନଗର(ଡି.ଏନ୍.ଏ.)/ ପଟ୍ଟାମୁଣ୍ଡାଇ(ସ୍ୱ.ପ୍ର.),୨୪।୪**

ରାଜନଗର ନିର୍ବାଚନମଣ୍ଡଳୀର ସ୍ୱାଧୀନ ପ୍ରାର୍ଥୀ ଅଜୟ କୁମାର ବେହେରାଙ୍କର ନିଜସ୍ୱ ସଂଗଠନ ରହିଛି। ଅଜୟଙ୍କ ପାଇଁ ପ୍ରବାସୀ ଓଡ଼ିଆ ସଂଗଠନ ପ୍ରଚାର ମଇଦାନକୁ ଓହ୍ଲାଇଛନ୍ତି। ଡଙ୍ଗାନାଉରୀ ଚିହ୍ନରେ ନିର୍ବାଚନ ଲଢୁଥିବା ଅଜୟ ପ୍ରଚାରକୁ ଜୋରଦାର କରିଛନ୍ତି। ବୁଧବାର ଏକ ରୋଡ ଶୋ ଆୟୋଜନ କରି ସମର୍ଥକଙ୍କ ସହ ପଟ୍ଟାମୁଣ୍ଡାଇ ବ୍ଲକ, ପଟ୍ଟାମୁଣ୍ଡାଇ ଏନଏସି, ରାଜନଗର ବ୍ଲକ ପରିକ୍ରମା କରିଥିଲେ। ପଟ୍ଟାମୁଣ୍ଡାଇ ବ୍ଲକରୁ ବାହାରିଥିବା ଏହି ରୋଡ ଶୋ ରାଜନଗର ବ୍ଲକ କରୁଆଁପାଳ ପଞ୍ଚାୟତରେ ଶେଷ ହୋଇଥିଲା। ଏହି ରୋଡ୍ ଶୋରେ ରତି ପଟ୍ଟନାୟକ, ଦେବାଶିଷ ରାଉତ, ସନ୍ତୋଷ ରାଉତ, ମଳୟ ସ୍ୱାଇଁ, ମଗୁଲି ଚରଣ ମହାନ୍ତି, ଦେବ ରାଉତ, ସର୍ବେଶ୍ୱର ଜେନା, କେଶବ ବିଶ୍ୱାଳ, ବିପିନ ନାୟକ, ପ୍ରମୋଦ ସାହୁ, ମାଣିକ ମଣ୍ଡଳ, ଗୋବିନ୍ଦ ଚନ୍ଦ୍ର ସେଠୀ, ହୃଷୀକେଶ ଜେନା, ମକର ବାଗ, ଭାନୁ ବେହେରା, ଆଦିତ୍ୟ ପାତ୍ର, ସୁଜିତ ମାଇତି, ପ୍ରଫୁଲ୍ଲ ମଣ୍ଡଳ, କୈଳାସ ପ୍ରଧାନ, କାଳିପଦ ମଣ୍ଡଳ ପ୍ରମୁଖ ସାମିଲ ହୋଇଥିଲେ।



ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଅଜୟ କୁମାର ବେହେରାଙ୍କ ରୋଡ୍ ଶୋ।

# ପାଟକୁରା ନିର୍ବାଚନ ଉପରେ ନଜର

**କେନ୍ଦ୍ରାପଡା ଅଫିସ, ୨୪।୪**

■ ସବୁ ଦଳର ନଜରରେ ରହିବ ଏହି ଆସନ

■ ବିଜେଡିର ପ୍ରାର୍ଥିତ୍ୱକୁ ନେଇ ଚର୍ଚ୍ଚା

କେନ୍ଦ୍ରାପଡା ଜିଲାରେ ୪ର୍ଥ ପର୍ଯ୍ୟାୟରେ ଅର୍ଥାତ ଆସନ୍ତା ୨୯ରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବ । ପୂର୍ବରୁ ୨୯ ତାରିଖରେ ରାଜ୍ୟର ଅନ୍ତିମ ପର୍ଯ୍ୟାୟ ନିର୍ବାଚନ ହେବ ବୋଲି କୁହାଯାଉଥିବା ବେଳେ ବୁଧବାର ପାଟକୁରା ନିର୍ବାଚନ ମଣ୍ଡଳୀ ପାଇଁ ନୂତନ ତାରିଖ ଘୋଷଣା ହୋଇଛି। ଏହି ଆସନ ପାଇଁ ମେ ୧୯ରେ ନିର୍ବାଚନ ହେବ ବୋଲି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାରଙ୍କ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପାଟକୁରାରେ ରାଜ୍ୟର ଶେଷ ନିର୍ବାଚନ ଦେଖିବାକୁ ମିଳିବ ବୋଲି ଆଲୋଚନା ହେଉଛି। ରାଜ୍ୟର ସମସ୍ତ ଲୋକ ସଭା ଓ ବିଧାନ ସଭା ନିର୍ବାଚନ ଶେଷ ହେବା ପରେ ପାଟକୁରା ବିଧାନସଭା ଆସନ ପାଇଁ ନିର୍ବାଚନ ହେବାକୁ ଥିବାରୁ ଏହି ଆସନ ପାଇଁ ସବୁ ଦଳର ନଜର ରହିବ ବୋଲି ଚର୍ଚ୍ଚା ଜୋରଧରିଛି।

ଗତ ୨୦ତାରିଖରେ ବିଜେଡି ପ୍ରାର୍ଥୀ ବେଦପ୍ରକାଶ ଅଗ୍ରୱାଲଙ୍କ ମୃତ୍ୟୁ ଘଟିଥିଲା। ଫଳରେ ଏହି ଆସନ ପାଇଁ ନିର୍ବାଚନ ସ୍ଥଗିତ ହୋଇଯାଇଥିଲା। ଆସନ୍ତା ମେ ୧୯ ରେ ପାଟକୁରା ବିଧାନସଭା ଆସନ ପାଇଁ ମତଦାନ ହେବ ବୋଲି ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି । ସେତେବେଳେ ରାଜ୍ୟ ଅନ୍ୟ ସବୁ ସ୍ଥାନରେ ନିର୍ବାଚନ ଶେଷ ହୋଇଥିବାରୁ ଏହି ଆସନ ସବୁ ଦଳର ଫୋକସରେ ରହିବ। ବିଜେଡି ପ୍ରାର୍ଥୀ ବେଦ ପ୍ରକାଶଙ୍କ ମୃତ୍ୟୁ ପରେ ଏହି ଆସନରୁ କେବଳ ବିଜେଡି ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରିପାରିବେ। ଅନ୍ୟ ପ୍ରାର୍ଥୀମାନଙ୍କର ନାମାଙ୍କନ ପତ୍ର କାଏମ ରହିବ। ପୂର୍ବରୁ ଏହି ଆସନ ପାଇଁ ଭାଜପାର ବରିଷ୍ଠ ନେତା ବିଜୟ ମହାପାତ୍ର ଓ କଂଗ୍ରେସରୁ ଜୟନ୍ତ ମହାନ୍ତି ପ୍ରାର୍ଥୀ ହୋଇଛନ୍ତି । ବେଦପ୍ରକାଶ ଜୀବିତ ଥିବା ସମୟରେ ଏଠାରେ ତ୍ରିମୁଖୀ ଲଢ଼େଇ ହେବ ବୋଲି ଆକଳନ କରାଯାଉଥିଲା। ବେଦପ୍ରକାଶ ଅସୁସ୍ଥତା ସତ୍ତ୍ୱେ ଏହି ଆସନରୁ ପ୍ରାର୍ଥିପତ୍ର ଦାଖଲ କରିବା ପରେ ତାଙ୍କ ପୁଅ ସଞ୍ଜୟ ନିର୍ବାଚନ ମଙ୍ଗ ସମ୍ଭାଳିଥିଲେ। ବେଦପ୍ରକାଶଙ୍କ ରାଜନୈତିକ ସଫଳତାକୁ ପାଥେୟ କରି ସଞ୍ଜୟ ରଣନୀତି କରୁଥିଲେ। ଏଠାରେ ବରିଷ୍ଠ ଭାଜପା ନେତା ବିଜୟ ପୂର୍ବରୁ ପ୍ରାର୍ଥିପତ୍ର ଦାଖଲ କରିଥିବାରୁ ବିଜେଡିରୁ ବହୁ ଆଶାୟୀ ପ୍ରାର୍ଥୀ ଥିଲେ ମଧ୍ୟ ମୁକାବିଲା ପାଇଁ ବରିଷ୍ଠ ନେତା ତଥା ସ୍ଥାନୀୟ ବିଧାୟକ ବେଦପ୍ରକାଶଙ୍କୁ ପୁନର୍ବାର ପ୍ରାର୍ଥୀ କରାଯାଇଥିଲା। ଫଳରେ ବିଜେଡିରୁ ପ୍ରାର୍ଥୀ ହେବା ପାଇଁ ଆଶା ରଖିଥିବା ଡେରାବିଶ ବ୍ଲକ ଅଧକ୍ଷ ତଥା ରାଜ୍ୟ ସାଧାରଣ ସମ୍ପାଦକ ସରୋଜକାନ୍ତ ସାହୁଙ୍କୁ ନିରାଶ ହେବାକୁ ପଡିଥିଲା। ଇତିମଧ୍ୟରେ ସେ ବିଜେଡି ପରିତ୍ୟାଗ କରି ଭାଜପାରେ ସାମିଲ ହୋଇଛନ୍ତି । ମାତ୍ର ବେଦପ୍ରକାଶଙ୍କ ମୃତ୍ୟୁ ପରେ ସବୁ କିଛି ବଦଳିଯାଇଛି। ଏବେ ଏହି ଆସନରୁ ବିଜେଡି ପ୍ରାର୍ଥୀ ହେବା ପାଇଁ ରାଜ୍ୟ ସମ୍ପାଦକ ପ୍ରମୋଦ ସାହୁ, ରବି ସାମଲ, ଅଧାପକ ଅଜୟ କୁମାର ରାଉତ, ଖଦୀ ବୋର୍ଡ ଅଧକ୍ଷ ତେଜେଶ୍ୱର ପରିଡା ପ୍ରମୁଖ ଲବି କରିବା ଆରମ୍ଭ କରିଦେଇଛନ୍ତି। ସେହିପରି ସହାନୁଭୂତି ଭୋଟ ଦେଖାଇ ବେଦପ୍ରକାଶଙ୍କ ପୁଅ ସଞ୍ଜୟଙ୍କୁ ଏହି ଆସନରୁ ଟିକେଟ ଦିଆଯିବ ବୋଲି ଆଶା କରାଯାଉଛି। ଅପରପକ୍ଷରେ ପ୍ରତ୍ୟକ୍ଷ ରାଜନୀତିରେ ନ ଥିବା ସଞ୍ଜୟଙ୍କ ଉପରେ ବିଜେଡି କେତେ ଭରସା କରିବ ତାହା ଆଗାମୀ ଦିନରେ ଜଣାପଡିବ ବୋଲି ରାଜନୈତିକ ବିଶ୍ଳେଷକମାନେ ମତ ଦେଇଛନ୍ତି । ବିଶ୍ଳେଷକଙ୍କ ମତରେ ଭାଜପା ପ୍ରାର୍ଥୀ ମହାପାତ୍ର ଗତ ୧୯୮୦ରୁ ୨୦୦୦ ମଧ୍ୟରେ ପାଟକୁରାରୁ ଲଗାତର ୪ ଥର ନିର୍ବାଚନ ଜିତିଛନ୍ତି । ଏହାପର ଠାରୁ ସେ ବିଧାୟକ ଭାବେ ନିର୍ବାଚିତ ହୋଇ ନ ଥିଲେ ମଧ୍ୟ ଚଳିତ ଥର ଏହି ଆସନରୁ ପ୍ରାର୍ଥୀ ହେବା ପରେ ସମର୍ଥକଙ୍କ ଉତ୍ସାହ ବଢ଼ିଛି। ସେହିପରି ଗତ ୨୦୦୯ ଓ ୨୦୧୪ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ମହାନ୍ତି ଏହି ଆସନରୁ ନିର୍ବାଚନ ଲଢ଼ି ପରାଜିତ ହୋଇଥିଲେ ମଧ୍ୟ ୨ୟ ସ୍ଥାନରେ ଥିଲେ। ଚଳିତ ନିର୍ବାଚନ ପାଇଁ ସଂଗଠନକୁ ତୃଣମୂଳସ୍ତରରୁ ସୁଦୃଢ଼ କରିବାକୁ ଉଦ୍ୟମ ଚଳାଇଛନ୍ତି। ଆଞ୍ଚଳିକ ବିକାଶକୁ ସେ ମୁଖ୍ୟ ଅସ୍ତ୍ର କରି ପ୍ରଚାର ଜୋରଦାର କରିଛନ୍ତି। ସେହିପରି ଅନ୍ୟ ୮ ପ୍ରତିଦ୍ୱନ୍ଦ୍ୱୀ ନିର୍ବାଚନରେ ଥିବାରୁ ତ୍ରିମୁଖୀ ଲଢ଼େଇର ଫଳାଫଳ କାହା ପକ୍ଷକୁ ଯିବ, ତାହା ସମୟ କହିବ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି।

## ସଂକ୍ଷେପରେ

### ମଣିଜଙ୍ଗାରେ ଉଦ୍‌ଘାଟିତ ହେଲା ବିଜେଡି କାର୍ଯ୍ୟାଳୟ

**ତିର୍ତ୍ତୋଲ,୨୪।୪(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଅନ୍ତର୍ଗତ ପାରାଦୀପ ନିର୍ବାଚନମଣ୍ଡଳୀର ମଣିଜଙ୍ଗା ବଜାରରେ ବୁଧବାର ବିଜେଡିର ନିର୍ବାଚନୀ କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଏହାକୁ ବିଧାୟକ ପ୍ରାର୍ଥୀ ସମ୍ବିତ ରାଉତରାୟ ଉଦ୍‌ଘାଟନ କରିଥିଲେ। ମଣିଜଙ୍ଗା ପଞ୍ଚାୟତ ବିଜେଡି ସଭାପତି ବିଚିତ୍ରାନନ୍ଦ ଦାସ, ଉପସଭାପତି ହିମାଂଶୁ ଜେନା, ସରପଞ୍ଚ ମମତା ସାହୁ, ବରିଷ୍ଠ ବିଜେଡି ନେତା ଫକିର ଚରଣ ସ୍ୱାଇଁ, ଯୁବନେତା ସୁମନ୍ତ ପ୍ରଧାନ, ଟୁଲୁ ଦାସ, ତିର୍ତ୍ତୋଲ ସମବାୟ ସମିତି ସଭାପତି ସଶାଂଶୁ ଶେଖର ଦାସ, ନାଏବ ସରପଞ୍ଚ ପ୍ରଭୁ ପ୍ରସାଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପରେ ସମ୍ବିତ ଏକ ବାଇକ ଶୋଭାଯାତ୍ରାରେ ଯାଇ ପ୍ରଚାର କରିଥିଲେ। ଇନ୍ଦରପା, ମଣିଜଙ୍ଗା, ନିମକଣା ସମେତ ସମସ୍ତ ୧୩ ପଞ୍ଚାୟତରେ କର୍ମୀମାନଙ୍କ ସହ ପ୍ରଚାର କରି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଲୋକଙ୍କୁ ନିବେଦନ କରିଥିଲେ।

### ଭାଜପା ପ୍ରାର୍ଥୀଙ୍କ ବାଇକ ଶୋଭାଯାତ୍ରା

**ତିର୍ତ୍ତୋଲ,୨୪।୪(ଡି.ଏନ.ଏ.):** ପାରାଦୀପ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ତିର୍ତ୍ତୋଲ ବ୍ଲକର ଜଡତିରା, ମଣିଜଙ୍ଗା, ବୋଧେଇ ଆଦି ପଞ୍ଚାୟତରେ ବୁଧବାର ଭାଜପା ପ୍ରାର୍ଥୀ ସମ୍ପଦ ସ୍ୱାଇଁ ପ୍ରଚାର କରିଛନ୍ତି। ଏକ ବାଇକ ଶୋଭାଯାତ୍ରାରେ ଜଡତିରା ପଞ୍ଚାୟତର ବନ୍ଧବାଟି, ପଞ୍ଚେଇ, ମଣିଜଙ୍ଗା ପଞ୍ଚାୟତର ହୁକୁଟୋଲା, ମଣିଜଙ୍ଗା, ବୋଧେଇ ପଞ୍ଚାୟତର ନୂଆପୋଖରୀ ଆଦି ଗ୍ରାମ ପରିକ୍ରମା କରି ସେ ଭୋଟ ଭାିକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ତିର୍ତ୍ତୋଲ ୨ନଂ ଜୋନ ସଭାପତି ଶିବ ପ୍ରସାଦ ସାହୁ, ପୂର୍ବତନ ସରପଞ୍ଚ ଅରକ୍ଷିତ ନାଥ ପ୍ରମୁଖ ଉପସ୍ଥିତ ଥିଲେ।

### ଭାଗବତ ସପ୍ତାହ ଉଦ୍‌ଯାପିତ



**ନାଉଗାଁ,୨୪।୪(ସ୍ୱ.ପ୍ର.):** ନାଉଗାଁ ବ୍ଲକ ଘୋଡାଂଶ ପଞ୍ଚାୟତ ଚାନ୍ଦଖାଁପାଟଣା ଗ୍ରାମରେ ଚାଲିଥିବା ଭାଗବତ ସପ୍ତାହ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ୧୭ ଏପ୍ରିଲରେ ଏହାକୁ ଗୁରୁକୃପା କୁଟୀରର ବାବା ସତ୍ୟାନନ୍ଦ ଦାସ ମହାରାଜ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପ୍ରତ୍ୟେହ ଭାଗବତର ବିଭିନ୍ନ ସ୍କନ୍ଦ ପାଠ କରାଯିବା ସହିତ ବାବା ସତ୍ୟାନନ୍ଦ ଦାସ ପ୍ରବଚନ ଦେଇଥିଲେ। ଉଦ୍‌ଯାପନ ଉତ୍ସବରେ ମହନ୍ତ ମହାରାଜ ଚିନ୍ତାମଣୀ ପର୍ବତ ଗୋସ୍ୱାମୀ ଯୋଗଦେଇ କହିଲେ ଯେ, ପ୍ରତ୍ୟେକ ଘରେ ଭାଗବତ ପାଠ କରାଯିବା ଉଚିତ। ଭାଗବତ ପାଠ ଦ୍ୱାରା ସମାଜରେ ଶାନ୍ତି ପ୍ରତିଷ୍ଠା ହୋଇଥାଏ। ବିଶେଷକରି ଯୁବ ସମାଜ ଭାଗବତ ପ୍ରତି ଆକୃଷ୍ଟ ହେଲେ ସମାଜ ବିକଶିତ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମକୁ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

# ପ୍ରଚାର ଉଚ୍ଚା, ମନରେ ଶଙ୍କା

**ପାରାଦୀପ,୨୪।୪(ସ୍ୱ.ପ୍ର.)**

■ଯୋଡୁଛି ବିଜେଡି, ଲଢୁଛି କଂଗ୍ରେସ ଓ ବଢୁଛି ଭାଜପା
■ରାଜନୈତିକ ଅଭିଜ୍ଞତା, ବ୍ୟକ୍ତିତ୍ୱ ସୃଷ୍ଟି କରୁଛି ଭିନ୍ନ ସମୀକରଣ

ଆସନ୍ତା ୨୯ରେ ଜଗତ୍‌ସିଂହପୁର ଜିଲାରେ ସାଧାରଣ ନିର୍ବାଚନ ହେବାକୁ ଥିବାବେଳେ ଜିଲାର ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ ଉପରେ ଏବେ ସମସ୍ତଙ୍କ ଦୃଷ୍ଟି କେନ୍ଦ୍ରୀଭୁତ ହୋଇଛି। ବରିଷ୍ଠ ନେତା ଦାମୋଦର ରାଉତ ବିଜେଡିରୁ ବହିଷ୍କୃତ ହେବା ପରଠାରୁ ଏହି ନିର୍ବାଚନମଣ୍ଡଳୀରେ ରାଜନୈତିକ ସମୀକରଣ ଏପଟ ସେପଟ ହୋଇଯାଇଛି। ତେଣୁ ବିଗତ ନିର୍ବାଚନଗୁଡିକରେ ଏଠାରେ ଦ୍ୱିମୁଖୀ ଲଢେଇ ହୋଇଆସିଥିବା ବେଳେ ଚଳିତଥର ତ୍ରିମୁଖୀ ଲଢେଇ ହେବାକୁ ଯାଉଛି। ସେହିପରି ଯିଏ ଜିତିବ ସେ ନୂଆକରି ବିଧାୟକ ହେବ। ଯଦିଓ ଏଠାରେ ୯ ଜଣ ବିଧାୟକ ପ୍ରାର୍ଥୀ ଅଛନ୍ତି, ତେବେ ବିଜେଡି, କଂଗ୍ରେସ ଓ ଭାଜପା ମଧ୍ୟରେ ପ୍ରତିଯୋଗିତା ଚାଲିଛି। କଂଗ୍ରେସର ବିଧାୟକ ପ୍ରାର୍ଥୀ ଅରିନ୍ଦମ ସର୍ଖେଲ(ବାପି) ପୁରୁଣା ମୁହଁ ହୋଇଥିବାବେଳେ ବିଜେଡିର ସମ୍ବିତ ରାଉତରାୟ ଓ ଭାଜପାର ସମ୍ପଦ ସ୍ୱାଇଁ ପ୍ରଥମ କରି ନିର୍ବାଚନ ମଇଦାନକୁ ଓହ୍ଲାଇଛନ୍ତି। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆସି ରାହାମା ଓ କୁଜଙ୍ଗରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ଏହାକୁ ନେଇ ପ୍ରଚାର କାର୍ଯ୍ୟରେ ଉଷ୍ମତା ପ୍ରକାଶ ପାଇଛି। କଂଗ୍ରେସ ପ୍ରାର୍ଥୀ ମଧ୍ୟ ହାଇଟେକ ପ୍ରଚାର ଚଳାଇଛନ୍ତି। ତେବେ ୩ ପ୍ରାର୍ଥୀଙ୍କ ପାଇଁ ଦଳୀୟ ଅସନ୍ତୋଷ, ତୃଣମୂଳସ୍ତରର ନେତାଙ୍କ ଦଳ ବଦଳି ଆଦି ମନରେ ଶଙ୍କା ସୃଷ୍ଟି କରିଛି। ତଥାପି ମଧ୍ୟ ସେମାନେ ସମସ୍ତଙ୍କୁ ସାଥିରେ ଧରି ଆଗକୁ ବଢିବାକୁ ଉଦ୍ୟମ ଚଳାଇଛନ୍ତି।

ଏହି ନିର୍ବାଚନମଣ୍ଡଳୀ ଯେହେତୁ ପୂର୍ବରୁ ବିଜେଡି ଅକ୍ତିଆରରେ ରହିଆସିଛି, ତେଣୁ ଏଠାରେ ଦଳର ଭୋଟ୍ ହାର ଅଧିକ। କିନ୍ତୁ ପୂର୍ବଭଳି ସଙ୍ଗଠନକୁ ସଜାଡି ରଖିବା ଦଳ ପାଇଁ ସହଜ ହେଉନାହିଁ। କାରଣ ଦାମ ବିଜେଡିରୁ ବହିଷ୍କୃତ ହେବା ପରେ ଏଠାରେ ନେତୃତ୍ୱ ନେବାକୁ ଏକାଧିକ ନେତା ଆଶାୟୀ ଥିଲେ। ଦେବାଶିଷ ସାମନ୍ତରାୟ, ବସନ୍ତ ବିଶ୍ୱାଳ, ସନ୍ତୋଷ ପଟ୍ଟନାୟକ ପ୍ରମୁଖ ନିଜ ନିଜ ସ୍ତରରେ ସମର୍ଥକଙ୍କୁ ଧରି ଟିକେଟ ହାତେଇବାକୁ ଉଦ୍ୟମ କରିଥିଲେ। କିନ୍ତୁ ସମସ୍ତଙ୍କୁ ନିରାଶ କରି ଦଳ ଦାମଙ୍କ ପୁଅ ସମ୍ବିତଙ୍କୁ ପ୍ରାର୍ଥୀ କଲା। ଏହା ପରଠାରୁ ଦଳରେ ନୀରବ ବିଦ୍ରୋହ ଚାଲିଛି। ସମସ୍ତଙ୍କୁ ମନାଇବା ସମ୍ବିତଙ୍କ ପାଇଁ ସହଜ ହେଉନାହିଁ। ଯେହେତୁ ସେ ସ୍ଥାନୀୟ ଅଞ୍ଚଳବାସୀଙ୍କ ସହ କୌଣସି କାର୍ଯ୍ୟରେ ପୂର୍ବରୁ ଜଡିତ ହୋଇନାହାନ୍ତି, ତାହା ମଧ୍ୟ ସମସ୍ୟା ସୃଷ୍ଟି କରୁଛି। ତେବେ ଆଶ୍ୱସ୍ତିକର କଥା ହେଲା ପୂର୍ବରୁ ତାଙ୍କୁ ବିରୋଧ କରୁଥିବା ସନ୍ତୋଷ ଏବେ ସମର୍ଥନ କରିବେ ବୋଲି ଘୋଷଣା କରିଛନ୍ତି। ସେହିପରି କଂଗ୍ରେସ ନେତା ପ୍ରମୋଦ ଜେନା ଓ ଭାଜପା ନେତା ଗତିକୃଷ୍ଣ ଶତପଥୀ ବିଜେଡିରେ ମିଶିଛନ୍ତି। କିନ୍ତୁ ଦେବାଶିଷ ଏ ପର୍ଯ୍ୟନ୍ତ ନୀରବ ରହିଛନ୍ତି। ତାଙ୍କ ସମର୍ଥକମାନେ ଗୋଟିକ ପରେ ଗୋଟିଏ ଅନ୍ୟ ଦଳରେ ମିଶିଲେଣି। ଅନ୍ୟତମ ସଙ୍ଗଠକ ବସନ୍ତ ଦଳ ପାଇଁ କାମ କରୁଥିଲେ ହେଁ ତାଙ୍କର ଆନ୍ତରିକତା ନ ଥିବା ଜଣାପଡୁଛି। ଷଣ୍ଢକୁଦର ସଙ୍ଗଠକ ତଥା ତେଲୁଗୁ ସମ୍ପ୍ରଦାୟର ମୁରବୀ କେ ସୁବାରାଓ ବିଜେଡି ଛାଡି କଂଗ୍ରେସରେ ମିଶିଲେଣି। ଏହା ସମ୍ବିତଙ୍କ ପାଇଁ ଅଡୁଆ ସୃଷ୍ଟି କରିପାରେ। ତେବେ ସମସ୍ତଙ୍କୁ ଯୋଡି ଆଗକୁ ବଢିବାକୁ ସେ ଚେଷ୍ଟା କରୁଛନ୍ତି।

କଂଗ୍ରେସ ପ୍ରାର୍ଥୀ ସର୍ଖେଲ ଦଳର ଉଚ୍ଚସ୍ତରର ନେତାଙ୍କ ବିନା ଏକାକି ପ୍ରଚାର ଚଳାଇଛନ୍ତି। ଏପରିକି ତାଙ୍କ ପୋଷ୍ଟର, ବ୍ୟାନର ଆଦିରେ ଏମ୍‌ପି ପ୍ରାର୍ଥୀଙ୍କ ଫଟୋ କି ନାଁ ନାହିଁ। ନିଜର ସାଙ୍ଗଠନିକ ଦକ୍ଷତା ବଳରେ ସେ ନିର୍ବାଚନ ଲଢୁଛନ୍ତି। ଗତ ୫ ବର୍ଷର ଉଦ୍ୟମ ଓ ଶ୍ରମିକ ସଙ୍ଗଠନର ସଫଳତା ଆଧାରରେ ସେ ଏବେ ଜିତିବା ପାଇଁ ପ୍ରୟାସ ଚଳାଇଛନ୍ତି। ରାଜ୍ୟ କିମ୍ବା କେନ୍ଦ୍ରସ୍ତରୀୟ ନେତା ତାଙ୍କ ପାଇଁ ପ୍ରଚାରକୁ ଆସିନାହାନ୍ତି। ତଥାପି ମଧ୍ୟ ସେ ହାଇଟେକ୍ ପ୍ରଚାର ମାଧ୍ୟମରେ ଭୋଟରଙ୍କ ଦୃଷ୍ଟି ଆକର୍ଷଣ କରୁଛନ୍ତି। ଘରକୁ ଘର ବୁଲି ଭୋଟରଙ୍କ ନିକଟତର ହେଉଛନ୍ତି। ତେବେ ତାଙ୍କ ନାମରେ ଥିବା ଆପରାଧିକ ମାମଲାକୁ ବିରୋଧୀ ଅସ୍ତ୍ର କରିଥିବାରୁ ତାଙ୍କୁ ସଂଘର୍ଷ କରିବାକୁ ପଡୁଛି।

ଅନ୍ୟପକ୍ଷରେ ଭାଜପା ଚଳିତଥର ଆଗକୁ ବଢିଛି। ଅର୍ଥାତ ଦଳ ୨୦୧୪ରେ ମାତ୍ର ୫୮୦୦ ଭୋଟ୍ ପାଇଥିଲା। କିନ୍ତୁ ୨୦୧୫ ପୌର ନିର୍ବାଚନରେ କାଉନ୍‌ସିଲର ଓ ୨୦୧୮ ପଞ୍ଚାୟତ ନିର୍ବାଚନରେ ୨ଟି ଜିଲାପରିଷଦ ଜୋନ୍ ହାତେଇବାରେ ସମର୍ଥନ ହୋଇଥିଲା। ତେଣୁ ଚଳିତ ନିର୍ବାଚନରେ ଦଳ ଆଗକୁ ବଢି ପାରାଦୀପରେ ତ୍ରିମୁଖୀ ଲଢେଇ ସୃଷ୍ଟି କରିବା ସହ ନିଜର ଉପସ୍ଥିତି ଜାହିର କରିଛି। ତେଣୁ ଚଳିତ ନିର୍ବାଚନରେ ଦଳର ଭୋଟ୍ ହାର ବୃଦ୍ଧି ପାଇବ। ଏପରିକି ସମ୍ପଦ ଓ ତାଙ୍କ ସମର୍ଥକମାନେ ନିଶ୍ଚୟ ବିଜୟଲାଭ କରିବେ ବୋଲି କହିଲେଣି। କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ତାଙ୍କ ପାଇଁ ପ୍ରଚାର କରିବା ପରେ କର୍ମୀ ଉତ୍ସାହିତ ଅଛନ୍ତି। ତେବେ ଭାଜପା ନେତା ଗତିକୃଷ୍ଣ ଶତପଥୀ ଦଳ ଛାଡ଼ିବା ଓ ଅନ୍ୟ କେତେଜଣ ଅସନ୍ତୁଷ୍ଟ ନେତା ତାଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିପାରନ୍ତି। ଏହି ନିର୍ବାଚନମଣ୍ଡଳୀର ସମୁଦାୟ ୨ ଲକ୍ଷ ୭ ହଜାର ଭୋଟରଙ୍କ ମଧ୍ୟରୁ ପ୍ରାୟତଃ ୧ଲକ୍ଷ ୫୦ରୁ ୬୦ ହଜାର ଲୋକ ମତଦାନ କରିଥାନ୍ତି। ସେହି ଭୋଟ ମଧ୍ୟରୁ ପ୍ରାର୍ଥୀମାନେ କିଏ କେତେ ହାତେଇବେ ତାହା ସମୟ କହିବ।

### ଅଟୋ ଧକ୍କାରେ ୨ ଗୁରୁତର

**ନାଉଗାଁ,୨୪।୪(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଗଙ୍ଗଦା ହାଟରେ ବୁଧବାର ଏକ ଅଟୋ ଧକାରେ ୨ ଜଣ ଗୁରୁତର ହୋଇଛନ୍ତି। ଅପରାହ୍ନରେ ଏକ ଅଟୋରେ ଓଷକଣାର ଶୋଭା ସେଠୀଙ୍କ ସମେତ ତାଙ୍କ ସ୍ୱାମୀ ଓ ଝିଅ ନାଉଗାଁ ଯାଉଥିଲେ। ତେବେ ଚାଳକଙ୍କ ବେପରୁଆ ଚାଳନା ଯୋଗୁ ଗଙ୍ଗଦା ବଜାରରେ ଅଟୋଟି ପ୍ରଫୁଲ୍ଲ ଜେନା ନାମକ ଜଣେ ବ୍ୟବସାୟୀଙ୍କୁ ଧକ୍କା ଦେଇଥିଲା। ଏଥିରେ ପ୍ରଫୁଲ୍ଲ ଗୁରୁତର ହୋଇଥିଲେ। ସେହି ବାଟରେ ଆଉ ୨ଜଣ ବ୍ୟକ୍ତିଙ୍କୁ ଧକା ଦେଇ ଅଟୋଟି ଦ୍ରୁତ ଗତିରେ ଆସୁଥିବାବେଳେ ସ୍ଥାନୀୟ ଲୋକେ ଧରିବାକୁ ଉଦ୍ୟମ କରିଥିଲେ। ତେଣୁ ଚାଳକ କିଛି ଉପାୟ ନ ପାଇ ଅଟୋରେ ବସିଥିବା ଶୋଭାଙ୍କୁ ତଳକୁ ଠେଲି ଦେଇଥିଲେ। ଅନ୍ୟ ୨ ଜଣ ତଳକୁ ଓହ୍ଲାଇ ପଡିଥିଲେ। ପରେ ଅଟୋ ଚାଳକ ଫେରାର ହୋଇଯାଇଥିଲେ। ଏଥିରେ ଶୋଭାଙ୍କ ହାତ ଭାଙ୍ଗି ଯାଇଛି। ତାଙ୍କୁ ଜଗତସିଂହପୁର ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ନାଉଗାଁ ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର କହିଛନ୍ତି।

## ଭୋଟର ସଚେତନତା କାର୍ଯ୍ୟକ୍ରମ

**ବାଲିକୁଦା,୨୪।୪(ସ୍ୱ.ପ୍ର.)**

କୃଷ୍ଣଦାସପୁର ପଞ୍ଚାୟତର ଦିବ୍ୟଜ୍ୟୋତି ମହିଳା ମହାସଂଘ ଓ ହନୁମାନଜୀଉ ନାରୀକେଳ ଉତ୍ପାଦକ ସଂଘ ଆନୁକୂଲ୍ୟରେ ଆସନ୍ତା ନିର୍ବାଚନକୁ ଦୃଷ୍ଟିରେ ରଖି ଭୋଟର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ନିର୍ବାଚନ ପର୍ଯ୍ୟବେକ୍ଷକ ଦାୟିତ୍ୱ ବହନ କରୁଥିବା ସୌରିକ ସିହ୍ନା, ଓରମାସର ସହ ନିର୍ଦ୍ଦେଶକ ସତ୍ୟ ସୁନ୍ଦର ଶିବରାମ ପାଇଟାଳ, ଓଡିଶା ଜୀବିକା ମିଶନ ବ୍ଲକ ପ୍ରକଳ୍ପ ପରିଚାଳକ ପ୍ରତାପରୁଦ୍ର ନନ୍ଦ ପ୍ରମୁଖ ଯୋଗଦେଇ ଭୋଟରଙ୍କୁ ସଚେତନ କରିଥିଲେ। ଚଳିତଥର ଇଭିଏମ ଭୋଟିଂ ମେଶିନ ସହ ନୂତନ ଭାବେ ଭିଭିପିଏଟି ବ୍ୟବହାର କରାଯାଉ ଥିବାରୁ ଏ ସମ୍ପର୍କରେ ବୁଝାଇଥିଲେ। ଚଳିତଥର ନୂତନ ଭାବେ ଭୋଟ୍ ଦେବାକୁ ଥିବା ଭୋଟର ଓ ଭିନ୍ନକ୍ଷମଙ୍କୁ ଗୋଲାପ ଫୁଲ ଦେଇ ସ୍ୱାଗତ କରାଯାଇଥିଲା। ଗଣତନ୍ତ୍ରର ଏହି ମହାପର୍ବରେ ସବୁ ଭୋଟର ଭଉଣୀ ଭାଇ ସାମିଲ ହୋଇ ଦେଶ ଗଠନରେ ଭାଗିଦାର ହେବାକୁ ଆହ୍ୱାନ ଦିଆଯାଇଥିଲା। ମହାସଂଘ ଓ ଉତ୍ପାଦକ ସଂଘ ପକ୍ଷରୁ ପ୍ରସ୍ତୁତ ନଡିଆ ତେଲ ଓ ଅନ୍ୟାନ୍ୟ ସାମଗ୍ରୀ ଦେଖି ଅତିଥି ସନ୍ତୋଷ ପ୍ରକାଶ କରିଥିଲେ।

## ଗେଲପୁରରେ ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ

**ବିରିଡ଼ି,୨୪।୪(ଡି.ଏନ.ଏ.)**

ଚଳିତ ନିର୍ବାଚନ ପରିପ୍ରେକ୍ଷୀରେ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବିରିଡ଼ି ବ୍ଲକର ୨୨ ମୌଜା ଗେଲପୁରଠାରେ ବୁଧବାର ବିଜେଡି କାର୍ଯ୍ୟାଳୟ ଉଦ୍‌ଘାଟିତ ହୋଇଛି। ଏହାକୁ ନନ୍ଦକିଶୋର ବସ୍ତିଆ ଓ କାଳନ୍ଦୀ ଚରଣ ବସ୍ତିଆ ଉଦ୍‌ଘାଟନ କରିଥିଲେ। ବିଜେଡି କର୍ମୀ ଭାଗ୍ୟଧର ବସ୍ତିଆ, ଚିତ୍ତରଞ୍ଜନ ବସ୍ତିଆ, ବିଭୂତି ଭୂଷଣ ସାହୁ, ବ୍ରଜ କିଶୋର ସାହୁ, ବାବୁଲି ଦାସ, ସମୀର ଦାସ, ଲୁନା ରାଉତରାୟ, ଶମ୍ଭୁନାଥ ସ୍ୱାଇଁ, ଅମିତ ଦାସ, ବୈରାଗୀ ବେହେରା ପ୍ରମୁଖ ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ। ସୁଶାନ୍ତ କୁମାର ବସ୍ତିଆ ପରିଚାଳନା କରିଥିଲେ।

## ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ୫୭ ହଜାର ଜବତ

**ଜଗତ୍‌ସିଂହପୁର ଅଫିସ, ୨୪।୪**

ବୁଧବାର ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କୁଜଙ୍ଗ ବ୍ଲକର ଭୂତମୁଣ୍ଡାଇଠାରୁ ଫ୍ଲାଇଂ ସ୍କ୍ୱାଡ୍ ଦ୍ୱାରା ୫୭ ହଜାର ୫୦୦ ଟଙ୍କା ଜବତ ହୋଇଛି। ସମ୍ପୃକ୍ତ ବ୍ୟକ୍ତି ଏକ ଟାଟା ଇଣ୍ଡିଗୋ (ନଂ. ଓଡି-୦୨-ୱାଇ-୬୫୫୬)ରେ ତିର୍ତ୍ତୋଲରୁ ପାରାଦୀପ ଅଭିମୁଖେ ଯାଉଥିବା ବେଳେ ଭୂତମୁଣ୍ଡାଇଠାରେ ଫ୍ଲାଇଂ ସ୍କ୍ୱାଡ୍ ହାତରେ ଧରାପଡିଥିଲେ। ସନ୍ତୋଷଜନକ ଉତ୍ତର ଦେଇପାରୁ ନ ଥିବାରୁ ଟଙ୍କାକୁ ଟ୍ରେଜେରୀରେ ଜମା କରାଯାଇ ତଦନ୍ତ ଜାରି ରହିଥିବା ଜିଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ।

■ପ୍ରଚାର କାର୍ଯ୍ୟ ତଦାରଖ କଲେ ବିଜେଡି ପର୍ଯ୍ୟବେକ୍ଷକ

## ବିଷ୍ଣୁ, ରାଜଶ୍ରୀ ଏକାଠି ପ୍ରଚାର କରନ୍ତୁ



ବିଷ୍ଣୁ ଓ ରାଜଶ୍ରୀ ସମର୍ଥକଙ୍କ ସହ ଆଲୋଚନା କରୁଛନ୍ତି ଜିଲା ବିଜେଡି ପର୍ଯ୍ୟବେକ୍ଷକ ଭୂପିନ୍ଦର ସିଂ।

**ବିରିଡ଼ି,୨୪।୪(ଡି.ଏନ.ଏ.)**

ଆସନ୍ତା ୨୯ରେ ଅର୍ଥାତ ଚତୁର୍ଥ ପର୍ଯ୍ୟାୟରେ ଜଗତ୍‌ସିଂହପୁର ଜିଲାରେ ନିର୍ବାଚନ ଅନୁଷ୍ଠିତ ହେବ। ତେଣୁ ନିର୍ବାଚନକୁ ଆଉ ୪ ଦିନ ଥିବାବେଳେ ପ୍ରାର୍ଥୀମାନେ ପ୍ରଚାର କାର୍ଯ୍ୟକୁ ଜୋରଦାର କରୁଛନ୍ତି। ଏହି ପରିପ୍ରେକ୍ଷୀରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀରେ ବିଜେଡି ପ୍ରାର୍ଥୀଙ୍କ ପ୍ରଚାର କାର୍ଯ୍ୟ ତଦାରଖ କରିଛନ୍ତି ଜଗତ୍‌ସିଂହପୁର ଜିଲା ବିଜେଡି ପର୍ଯ୍ୟବେକ୍ଷକ ଭୂପିନ୍ଦର ସିଂ। ମଙ୍ଗଳବାର ସନ୍ଧ୍ୟାରେ ସେ ବିରିଡ଼ି ବ୍ଲକ ଗସ୍ତରେ ଆସି ବିଭିନ୍ନ ସ୍ଥାନରେ ବିଧାୟକ ପ୍ରାର୍ଥୀ ବିଷ୍ଣୁ ଚରଣ ଦାସ ଓ ଏମ୍‌ପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକଙ୍କ ଭିନ୍ନ ଭିନ୍ନ ପ୍ରଚାର ଅଫିସ ଖୋଲିଥିବା ଦେଖିବାକୁ ପାଇଥିଲେ। ଏହା ପରେ ବାଲିଆଷ୍ଟୋର ଓ ଦୋଗୋଚ୍ଛିଆ ଅଞ୍ଚଳ ବୁଲି ଉଭୟ ପ୍ରାର୍ଥୀଙ୍କ ସମର୍ଥକଙ୍କ ମତାମତ ଶୁଣିଥିଲେ। ବିଧାୟକ ପ୍ରାର୍ଥୀ ଦାସଙ୍କ ସମର୍ଥକମାନେ ଏମପି ପ୍ରାର୍ଥିନୀଙ୍କ ଦେଖା ପାଉନାହାନ୍ତି ବୋଲି ଅଭିଯୋଗ କରିଥିଲେ। ସେହିପରି ଏମ୍‌ପି ପ୍ରାର୍ଥିନୀ ମଲ୍ଲିକଙ୍କ ସମର୍ଥକମାନେ ବିଧାୟକ ପ୍ରାର୍ଥୀ ଦାସ ସେମାନଙ୍କୁ ଅଣଦେଖା କରୁଥିବା ପାଲଟା ଅଭିଯୋଗ କରିଥିଲେ। ଉଭୟ ପକ୍ଷ ସମର୍ଥକଙ୍କ ମତାମତ ଶୁଣିବା ପରେ ସିଂ ଦଳୀୟ ହାଇକମାଣ୍ଡଙ୍କ ନିର୍ଦ୍ଦେଶ କ୍ରମେ ଉଭୟ ପ୍ରାର୍ଥୀ ଆଜିଠାରୁ ଗୋଟିଏ ମଞ୍ଚରେ ସଭା ଓ ମିଳିତ ରୋଡ୍ ଶୋ' କରିବାକୁ କହିଥିଲେ। ଟେଲିଫୋନ ଯୋଗେ ଡା. ମଲ୍ଲିକ ଓ ଦାସଙ୍କୁ ଏକ ସଙ୍ଗରେ କାର୍ଯ୍ୟ କରି ଉଭୟ ଯେପରି ବିଜୟୀ ହୁଅନ୍ତି, ତା' ଉପରେ ଧ୍ୟାନ ଦେବା ପାଇଁ ପରାମର୍ଶ ଦେଇଥିଲେ। ଆଉ ମାତ୍ର ୪ ଦିନ ନିର୍ବାଚନ ରହିଥିବାରୁ ଉଭୟ ପ୍ରାର୍ଥୀଙ୍କ ମିଳିତ ପ୍ରଚାର ଅଧିକ ଲାଭଦାୟକ ହେବ ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ତିର୍ତ୍ତୋଲ ନିର୍ବାଚନମଣ୍ଡଳୀର ଶାରଳା ରୋଡ ନିକଟସ୍ଥ କାଳିପଡିଆଠାରେ ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିର୍ବାଚନୀ ସଭା କରିବେ। ତେଣୁ ପ୍ରତି ୱାର୍ଡରୁ ଯେପରି କର୍ମୀମାନେ ସଭାସ୍ଥଳକୁ ଯିବେ, ସେଥିପ୍ରତି ଧ୍ୟାନଦେବାକୁ ଉଭୟ ପ୍ରାର୍ଥୀଙ୍କ ସମର୍ଥକଙ୍କୁ ନିର୍ଦ୍ଦେଶ ଦେଇଥିଲେ।

## ତରାସାହିରେ ବିଜେଡିର ମିଶ୍ରଣ ପର୍ବ



ବିଜେଡିରେ ସାମିଲ ହୋଇଥିବା ନୂତନ କର୍ମୀଙ୍କୁ ସ୍ୱାଗତ କରାଯାଉଛି।

**ବାଲିକୁଦା,୨୪।୪(ସ୍ୱ.ପ୍ର.)**

ତରାସାହି ପଞ୍ଚାୟତରେ ବୁଧବାର ବିଜେଡିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ମନୋଜ କୁମାର ବେହେରାଙ୍କ ନେତୃତ୍ୱରେ ଭାଜପା ଓ କଂଗ୍ରେସ ଛାଡି ବହୁ କର୍ମୀ ବିଜେଡିରେ ସାମିଲ ହୋଇଥିବା ସୂଚନା ଦିଆଯାଇଛି। ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଶମ୍ଭୁ ପ୍ରସନ୍ନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ, ବିଷ୍ଣୁ ଚରଣ ସ୍ୱାଇଁ, ଶଙ୍କର ପ୍ରସାଦ ନାୟକ, ଅଳାଭରର ପୂର୍ବତନ ସମିତିସଭ୍ୟ ହରିଶ୍ଚନ୍ଦ୍ର ଶତପଥୀ, ଦିବାକର ବେହେରା ପ୍ରମୁଖ ଯୋଗଦେଇ ବିଧାୟକ ପ୍ରାର୍ଥୀ ରଘୁନନ୍ଦନ ଦାସ ଓ ଏମପି ପ୍ରାର୍ଥୀ ରାଜଶ୍ରୀ ମଲ୍ଲିକଙ୍କୁ ଭୋଟ ଦେଇ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ଉପେନ୍ଦ୍ର ବେହେରା, ପ୍ରତାପ ଗୁରୁ, ଜିତେନ୍ଦ୍ର ବେହେରା, ଭୀମା ଗୁରୁ, କାର୍ତ୍ତିକ ଗୁରୁ, ଅକ୍ଷୟ ବେହେରା, ଦୀନବନ୍ଧୁ ବେହେରା, ଜଟାଧାରୀ ବେହେରା, ପ୍ରଦୀପ୍ତ ସ୍ୱାଇଁ, ସମୀର ବିଶ୍ୱାଳ, କୁଳମଣି ବିଶ୍ୱାଳ, ବାବୁରାମ ନାୟକ, କୈଳାସ ଗୁରୁ, ଦିଲୀପ ବିଶ୍ୱାଳ ପ୍ରମୁଖ ବିଜେଡିରେ ସାମିଲ ହୋଇଥିଲେ।

## ଓଷକଣାରେ ବିଜେଡିର କର୍ମୀ ସମ୍ମିଳନୀ

**ନାଉଗାଁ,୨୪।୪(ସ୍ୱ.ପ୍ର.)**

ନାଉଗାଁ ବ୍ଲକ ଓଷକଣା ପଞ୍ଚାୟତରେ ମଙ୍ଗଳବାର ବିଜେଡିର ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ବ୍ଲକ ବିଜେଡି ସଭାପତି ସୁଜିତ ମଲିକଙ୍କ ନେତୃତ୍ୱରେ କର୍ମୀମାନେ ବାଇକ ଶୋଭାଯାତ୍ରା କରିବା ସହ ଭଟଣା ଗ୍ରାମରେ ସଭା କରିଥିଲେ। ଏଥିରେ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି, ପୂର୍ବତନ ବିଧାୟକ ଜ୍ୟୋତିଷ ଚନ୍ଦ୍ର ଦାସ, ସରପଞ୍ଚ ସାଗରିକା ବେହେରା, ଜିଲା ନିର୍ବାଚନ ପର୍ଯ୍ୟବେକ୍ଷକ ପ୍ରକାଶ ବସ୍ତିଆ, ଜିଲା ପରିଷଦ ସଭ୍ୟ ସୁବଳ ବେହେରା, ସମିତି ସଭ୍ୟା ଜୟନ୍ତୀ ଭୋଇ, ବ୍ଲକ କାର୍ଯ୍ୟକାରିଣୀ ସଭାପତି ପ୍ରଭୁ ଚରଣ ଦାସ, ପଞ୍ଚାୟତ ସଭାପତି ଅକ୍ଷୟ ବିଶ୍ୱାଳ, ବ୍ଲକ ବିଜେଡି ସଭାପତି ନରେଶ ସ୍ୱାଇଁ, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ବିସ୍ମୟାନନ୍ଦ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ କର୍ମୀ ମତଭେଦ ଭୁଲି ଦଳୀୟ ପ୍ରାର୍ଥୀଙ୍କୁ ଭୋଟ୍ ଦେବାକୁ ବିଧାୟକ ଦାସ କର୍ମୀମାନଙ୍କୁ ଆହ୍ୱାନ ଦେଇଥିଲେ। ସେହିପରି ସରକାରଙ୍କ ବିଭିନ୍ନ ଜନହିତକର କାର୍ଯ୍ୟ ସମ୍ପର୍କରେ କର୍ମୀମାନେ ମତବ୍ୟକ୍ତ କରିଥିଲେ।




କର୍ମୀ ସମ୍ମିଳନୀରେ ଉପସ୍ଥିତ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ମୁଦୁଲି ଓ ଅନ୍ୟମାନେ।

# ବର୍ଜ୍ୟବସ୍ତୁ ପରିଚାଳନା ଦିଗହରା

**ଜଗତ୍‌ସିଂହପୁର ଅଫିସ, ୨୪।୪**

■ଏସଭିଏମ୍ କଲେଜ ନିକଟରେ ଅଳିଆ ଗଦା
■ଗ୍ରୀଷ୍ମ ସାଙ୍ଗକୁ ଅତିଷ୍ଠ କରୁଛି ନିଆଁ, ଧୂଆଁ

ଜଗତ୍‌ସିଂହପୁର ଜିଲା ମୁଖ୍ୟାଳୟର ଅସ୍ୱାସ୍ଥ୍ୟକର ପରିବେଶ ସ୍ଥାନୀୟ ଅଧିବାସୀଙ୍କ ଚିନ୍ତାର କାରଣ ହୋଇଛି। ଏଠାରେ ବର୍ଜ୍ୟବସ୍ତୁ ପରିଚାଳନା ଦିଗହରା ହୋଇପଡିଛି। ସ୍ଥାୟୀ ଡମ୍ପିଂୟାର୍ଡ ବ୍ୟବସ୍ଥା ନ ଥିବାରୁ ପ୍ରତ୍ୟହ ଗଦା ଗଦା ଅଳିଆ କଲେଜ ଛକ ନିକଟ କେନାଲ ଆରପଟେ ପକାଯାଉଛି। ଅଧିକାଂଶ ଦିନ ଏହି ଅଳିଆରେ ନିଆଁ ଲଗାଇ ଦିଆଯାଉଥିବାରୁ ପାଖାପାଖି ୨/୩ କିଲୋମିଟର ଧୂଆଁମୟ ହୋଇଯାଉଛି। ଏହାଦ୍ୱାରା ଲୋକେ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ପ୍ରବଳ ଗ୍ରୀଷ୍ମ ସାଙ୍ଗକୁ ନିଆଁ ଓ ଧୂଆଁ ସ୍ଥାନୀୟ ଅଞ୍ଚଳବାସୀଙ୍କୁ ଅତିଷ୍ଠ କରିଛି। ଅନ୍ୟପଟେ ସହର ମଧ୍ୟ ଦେଇ ଯାଇଥିବା ମୁଖ୍ୟ କେନାଲରେ ଗଦା ଗଦା ଅଳିଆ ପଡୁଛି। ଏହା ଉପରେ ଅଙ୍କୁଶ ଲାଗୁ ନ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ପ୍ରତି ନିର୍ବାଚନ ସମୟରେ ପ୍ରମୁଖ ରାଜନୈତିକ ଦଳର ପ୍ରାର୍ଥୀମାନେ ସମସ୍ୟାର ସ୍ଥାୟୀ ସମାଧାନ ହେବ ବୋଲି ପ୍ରତିଶ୍ରୁତି ଦେଉଥିଲେ ସୁଦ୍ଧା ପରବର୍ତ୍ତୀ ସମୟରେ ଭୁଲି ଯାଉଛନ୍ତି। ଚଳିତ ନିର୍ବାଚନରେ ମଧ୍ୟ ଅନୁରୂପ ପ୍ରତିଶ୍ରୁତି ମିଳିଛି। କିନ୍ତୁ ନିର୍ବାଚନ ପରେ କ'ଣ ହେଉଛି ତାହା ଦେଖିବାର ଅଛି।

ନିୟମ ଅନୁଯାୟୀ, ଜୈବିକ ବର୍ଜ୍ୟବସ୍ତୁ ୪୮ ଘଣ୍ଟା ଭିତରେ ନଷ୍ଟ କରିବାକୁ ପଡିବ। କିନ୍ତୁ ତାହା ହେଉନାହିଁ। ଜିଲାର ଏକାଧିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି) ଓ ଜିଲା ମୁଖ୍ୟାଳୟରେ ଗଦା ଗଦା ବିପଜ୍ଜନକ ବର୍ଜ୍ୟବସ୍ତୁ ପଡି ରହୁଥିଲେ ମଧ୍ୟ ତାହା ଠିକ୍ ସମୟରେ ନଷ୍ଟ କରାଯାଉନାହିଁ। ଡମ୍ପିଂୟାର୍ଡ ନ ଥିବାରୁ ମଧ୍ୟ ବହୁ ଅସୁବିଧା ହେଉଛି। ଏହାର ସ୍ଥାୟୀ ସମାଧାନ ପାଇଁ ଜଗତ୍‌ସିଂହପୁର ପୌର ପରିଷଦ ପକ୍ଷରୁ ସ୍ଥାନୀୟ କଣ୍ଟାବଲ୍ଲଭପୁରଠାରେ ଏକ ଡମ୍ପିଂୟାର୍ଡ କରିବାକୁ ନିଷ୍ପତ୍ତି ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ସେଠାରେ ଆଉ ଡମ୍ପିଂୟାର୍ଡ କରାଯିବ ନାହିଁ ବୋଲି ସ୍ଥିର କରାଯାଇଛି। କଣ୍ଟାବଲ୍ଲଭପୁର ଗ୍ରାମବାସୀଙ୍କ ବିରୋଧ ଯୋଗୁ ପରିଷଦ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି।

ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ନିଷ୍ପତ୍ତି ଅନୁଯାୟୀ, ସ୍ୱାସ୍ଥ୍ୟକେନ୍ଦ୍ରର ବର୍ଜ୍ୟବସ୍ତୁ ୮ ଭାଗରେ ବିଭକ୍ତ। ସେଗୁଡିକ ହେଲା ସାଧାରଣ, ରସାୟନିକ, ପାଥୋଲୋଜିକାଲ, ରେଡିଓଆକ୍ଟିଭ୍, ଫାର୍ମାସ୍ୟୁଟିକାଲ୍‌ସ ଇତ୍ୟାଦି। ଏସବୁ ଆବର୍ଜନା ଅଧିକ ଦିନ ରହିଲେ ଦୁର୍ଗନ୍ଧ ହେବା ସହ ସଂକ୍ରମଣ ହେବାର ଆଶଙ୍କା ରହିଛି। ଏଥିଯୋଗୁ ଟାଇଫଏଡ୍, କଲେରା, ହେପାଟାଇଟିସ୍ ଓ ଏଡ୍‌ସ ଆଦି ହୋଇପାରେ। ଏସବୁ ଦୃଷ୍ଟିରେ ରଖି ଉପଯୁକ୍ତ ଭାବେ ଜୈବିକ ବର୍ଜ୍ୟବସ୍ତୁ ପରିଚାଳନା କରାଯିବା ଜରୁରୀ। ଏଥିପାଇଁ ଜଗତ୍‌ସିଂହପୁର ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଆବଶ୍ୟକ ବ୍ୟବସ୍ଥା ରହିଛି। ପ୍ରତ୍ୟେହ ଜୈବିକ ବର୍ଜ୍ୟବସ୍ତୁକୁ ପ୍ରଥମେ ନିର୍ଦ୍ଦିଷ୍ଟ ଅଞ୍ଚଳ (କଣ୍ଟେନମେଣ୍ଟ ଏରିଆ)ରେ ରଖାଯାଉଛି। ପରେ ବିଶୋଧନ ପରେ ନଷ୍ଟ କରାଯାଉଛି। ଏହା ପରିଚାଳନା ପାଇଁ ବିଭିନ୍ନ ମାଧ୍ୟମ ରହିଛି। କେଉଁ ଜୈବିକ ବର୍ଜ୍ୟବସ୍ତୁ ଅଟୋକ୍ଲୋଭିଂ ଓ କେଉଁଗୁଡିକ ରାସାୟନିକ ଭାବେ (ହାଇପୋକ୍ଲୋରାଇଟ୍) ପରିଚାଳନା କରାଯିବ ତାହା ସ୍ଥିର ହୋଇଛି। ଛୁଞ୍ଚି ଓ ସିରିଞ୍ଜ ଆଦି ମୁନ ଭାଙ୍ଗି ଦିଆଯିବା ସହ ଅତ୍ୟଧିକ ଉତ୍ତାପରେ ତରଳା ଯାଇଥାଏ। ଏସବୁ ୪୮ ଘଣ୍ଟା ଭିତରେ ନଷ୍ଟ କରାଯିବାର ନିୟମ ରହିଛି। କିନ୍ତୁ ଜଗତ୍‌ସିଂହପୁର ଜିଲାର ବିଭିନ୍ନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତାହା କରାଯାଉନାହିଁ। ୨୦୧୬ରେ ସରକାର ଏହାକୁ ଗୁରୁତ୍ୱ ଦେଇ ଜିଲାସ୍ତରୀୟ କମିଟି ଗଠନ କରିଥିଲେ। କମିଟି ଏହାର ତଦାରଖ କରିବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ କମିଟିର କୋହଳ ମନୋଭାବ ଯୋଗୁ ଜୈବିକ ବର୍ଜ୍ୟବସ୍ତୁ ପରିଚାଳନା ଠିକ୍ ଭାବେ ହେଉନାହିଁ। ଅନ୍ୟପକ୍ଷରେ ସହରର ଅଳିଆ, ଆବର୍ଜନା ପରିଚାଳନା ପାଇଁ କଣ୍ଟାବଲ୍ଲଭପୁରରେ ୨ ବର୍ଷ ପୂର୍ବରୁ ଡମ୍ପିଂୟାର୍ଡ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। କାରଣ ସହରର ସମସ୍ତ ଅଳିଆ କଲେଜ ଛକ ନିକଟ କେନାଲ ଆରପଟେ ଗଦା କରିବା ସହ ନିଆଁ ଲଗାଇ ଦେବାରୁ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ଏସ୍‌ଭିଏମ୍ ସ୍ୱୟଂଶାସିତ ମହାବିଦ୍ୟାଳୟ ଏକ ସ୍ୱନାମଧନ୍ୟ କଲେଜ ହୋଇଥିବାବେଳେ ଏଠାରେ ଶହସ୍ରାଧିକ ଛାତ୍ରୀଛାତ୍ର ପଢୁଛନ୍ତି। କଲେଜ ପରିସର ହଷ୍ଟେଲରେ ମଧ୍ୟ ଛାତ୍ରୀଛାତ୍ର ରହୁଛନ୍ତି। ଏଥିସହ କଲେଜ ଛକ ଚାରିପଟେ ଜନଗହଳିପୂର୍ଣ୍ଣ ସାହି, ବସ୍ତି ରହିଛି। ଦୀର୍ଘ ବର୍ଷ ଧରି ଲୋକଙ୍କ ସ୍ୱାର୍ଥକୁ ଗୌଣ କରାଯାଇ କଲେଜ ଛକ ନିକଟରେ ଅଳିଆ ଗଦା କରାଯାଉଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି କରୁଛି। ଏହାର ସ୍ଥାୟୀ ପ୍ରତିକାର କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଅନେକ ଯୁବ ସଙ୍ଗଠନ ଓ ବୁଦ୍ଧିଜୀବୀ ଚେତାବନୀ ଦେଇଛନ୍ତି।



ଯିଏ ଖାଦ୍ୟ ସଂଯମ କରିପାରିଛି, ସିଏ ମୁକ୍ତି ଆଡ଼କୁ ବହୁ ଦୂର ଆଗେଇ ଯାଇଛି।
-ସେନେକା



## ସଂକ୍ଷେପରେ

### କାଳିଆଶୁଣୀ ବିଶ୍ୱଶାନ୍ତି ମହାଯଜ୍ଞ ଉଦ୍‌ଯାପିତ

**ଚଢ଼େଇଧରା,୨୪।୪(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁରଗଡ଼ ପଞ୍ଚାୟତ ଅଧୀନ ଭୁବନପୁରଠାରେ ଆୟୋଜିତ ମା' କାଳିଆଶୁଣୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ରବିବାର ଗ୍ରାମ ପୋଖରୀରୁ କଳସ ଯାତ୍ରା କରାଯାଇ ଗ୍ରାମ ପରିକ୍ରମା କରାଯାଇ ଯଜ୍ଞ ଶୁଭାଧିବାସ, ଅଙ୍କୁରାରୋପଣ, କଳସାଧିବାସ, ଘଟସ୍ଥାପନ, ସୂର୍ଯ୍ୟପୂଜା, ଗୋ-ପୂଜା ପରେ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ୩ ଦିନ ବ୍ୟାପୀ ବିଭିନ୍ନ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଘୋଡ଼ା ନାଚ, ଭଜନ ସନ୍ଧ୍ୟା, କୀର୍ତ୍ତନ ଆଦି ପରିବେଷଣ କରାଯାଇଥିଲା। ମା'ଙ୍କ ମନ୍ଦିରକୁ ରଙ୍ଗିନ ଆଲୋକମାଳାରେ ସୁସଜ୍ଜିତ କରାଯାଇଥିଲା। ଗ୍ରାମବାସୀଙ୍କ ସହଯୋଗରେ ମହାଯଜ୍ଞ ଶାନ୍ତିପୂର୍ଣ୍ଣଭାବେ ସମାପନ ହୋଇଛି।

### ଜେଏନ୍ ପାରାମେଡିକାଲ୍‌ର ୫ମ ବାର୍ଷିକୋତ୍ସବ

**ଦଶରଥପୁର,୨୪।୪(ଡିଏନ୍ଏ):** ଦଶରଥପୁର ବ୍ଲକ୍ ଥାଲକୁଡି ପଞ୍ଚାୟତ ଥାଲକୁଡିସ୍ଥିତ (ମଙ୍ଗଳପୁର) ବିଜୁ କଲ୍ୟାଣ ମଣ୍ଡପଠାରେ ମଙ୍ଗଳବାର ଜାନକୀ ନାରାୟଣ (ଜେଏନ୍) ଇନ୍‌ଷ୍ଟିଚ୍ୟୁଟ୍ ଅଫ ପାରାମେଡିକାଲର ସାଇନ୍ସ କଲେଜର ୫ମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଇନ୍‌ଷ୍ଟିଚ୍ୟୁଟ୍‌ର ନିର୍ଦ୍ଦେଶକ ଚନ୍ଦନ କୁମାର ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଅବସରପ୍ରାପ୍ତ ଡାକ୍ତର ଗୋପାଳ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ସେବା ଶବ୍ଦର ତାତ୍ପର୍ଯ୍ୟ ଉପରେ ବିଶ୍ଳେଷଣ କରି ଭଗବାନଙ୍କ ସୃଷ୍ଟିରେ ମଣିଷ ଜନ୍ମ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ମଣିଷ ପାଖରେ ଦୟା, କ୍ଷମା ଏବଂ ବୁଝିବାର ଶକ୍ତି ରହିଥିବାବେଳେ ସେବା ପାଇଁ ଇଚ୍ଛାଶକ୍ତି ରହିବା ଆବଶ୍ୟକ ବୋଲି କହିଥିଲେ। ମୁଖ୍ୟ ବକ୍ତାଭାବେ ଦଶରଥପୁର ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରଞ୍ଜନ କୁମାର ପୃଷ୍ଟି, ସମ୍ମାନିତ ଅତିଥିଭାବେ ବରିଷ୍ଠ ଆଇନ୍‌ଜୀବୀ ବୈକୁଣ୍ଠ ନାଥ ପରିଡା, ଅବସରପ୍ରାପ୍ତ ମେଡିକାଲ୍ ଟେକ୍ନିସିଆନ୍ ମଧୁସୂଦନ ଦେବତା ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଇନ୍‌ଷ୍ଟିଚ୍ୟୁଟ୍‌ର ଶିକ୍ଷକ ଡାକ୍ତର ହେମନ୍ତ ବେହେରା, ପୀଯୂଷ ସାମଲ, ଶିକ୍ଷୟିତ୍ରୀ ଅର୍ଚ୍ଚନା ରଥ, ଶୁଭସ୍ମିତା ମହାପାତ୍ରଙ୍କ ସମେତ ଅଧ୍ୟୟନରତ ଛାତ୍ରୀଙ୍କ ଅଭିଭାବକ ଓ ସ୍ଥାନୀୟ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଶିକ୍ଷାନୁଷ୍ଠାନ ପକ୍ଷରୁ ଅତିଥିଙ୍କୁ ମାନପତ୍ର ସହ ଉପଢୌକନ ଦିଆଯାଇ ସମ୍ମାନିତ କରାଯାଇଥିଲା।

# ବଦଳୁଛି ରାଜନୈତିକ ପାଣିପାଗ

**ଯାଜପୁର ଅଫିସ,୨୪।୪**

ଯାଜପୁର ଜିଲା ବରୀ ନିର୍ବାଚନମଣ୍ଡଳୀରେ ଦିନକୁ ଦିନ ପ୍ରଚାର ରୋଚକ ହେବାରେ ଲାଗିଛି। ପ୍ରାର୍ଥୀମାନେ ସେମାନଙ୍କ ସମର୍ଥକଙ୍କୁ ସାଥିରେ ଧରି ଘରକୁ ଘର ବୁଲି ପ୍ରଚାର ଚଳାଇଛନ୍ତି। ବିଜେଡି ବିଧାୟକ ପ୍ରାର୍ଥୀ ସୁନନ୍ଦା ଦାସ ନୂଆଁ ମୁହଁ ହୋଇଥିବାରୁ ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ (ଜିତୁ) ଓ ଯାଜପୁର ବିଧାୟକ ପ୍ରଣବପ୍ରକାଶ ଦାସ ପ୍ରଚାରରେ ସହଯୋଗ କରୁଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବରୀ ନିର୍ବାଚନମଣ୍ଡଳୀ ଗସ୍ତପରେ ବିଜେଡି କର୍ମୀ ମହଲରେ ବେଶ୍ ଉତ୍ସାହ ପରିଲକ୍ଷିତ ହୋଇଛି। ଅନ୍ୟପକ୍ଷେ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନ ମଲ୍ଲିକ ଗତ ନିର୍ବାଚନଗୁଡ଼ିକର ସଫଳତାକୁ ଏଥର ନିର୍ବାଚନରେ ବଡ଼ ପୁଞ୍ଜି କରିଛନ୍ତି । ତେବେ ଭାଜପାରେ ପୁରୁଖା ନେତା ଓ କର୍ମୀଙ୍କ ଅସହଯୋଗ ଓ ଭାଜପା ସମର୍ଥିତ ସମିତି ଅଧ୍ୟକ୍ଷା ସୁନନ୍ଦା ବିଜେଡି ପ୍ରାର୍ଥୀ ହୋଇଥିବାରୁ ବିଶ୍ୱଙ୍କ ବଳ ଉଣାଅଧିକ ହ୍ରାସ ପାଇଥିବା ଆଲୋଚନା ହେଉଛି। ଏହାସହ ହିନ୍ଦୁସ୍ଥାନ



ଉମେଶ ଜେନା



ସୁନନ୍ଦା ଦାସ୍



ବିଶ୍ୱରଞ୍ଜନ ମଲ୍ଲିକ

ନିର୍ମାଣ ଦଳ ପ୍ରାର୍ଥୀ ଅସିତ ରାୟ ଭାଜପାକୁ ଖୋଲାଖୋଲି ବିରୋଧ କରୁଥିବାରୁ ଭୋଟ ଭାଗ ହେବାର ସମ୍ଭାବନା ସୃଷ୍ଟି କରୁଛି। ତେଣୁ ଗତ ପଞ୍ଚାୟତ ନିର୍ବାଚନରେ ଭାଜପା ସପକ୍ଷରେ ଯେଉଁ ଜନାଧାର ରହିଥିଲା ତାହା ବଦଳୁଥିବା ମନେ ହେଉଛି। ଅପରପକ୍ଷରେ ବିଭିନ୍ନ ସଂଗଠନର ସହଯୋଗରେ ସୁନନ୍ଦା ଏବେ ସୁବିଧାଜନକ ସ୍ଥିତିରେ ରହିଛନ୍ତି ବୋଲି ଦଳୀୟ କର୍ମୀ ମହଲରେ ଦାବି ହେଉଛି। କଂଗ୍ରେସ ପ୍ରାର୍ଥୀ ଉମେଶ ଚନ୍ଦ୍ର ଜେନା ତାଙ୍କ ସମର୍ଥକଙ୍କ ସହିତ ବାଇକରାଲି, ଘରକୁ ଘର ବୁଲି ପ୍ରଚାର କରି ଭୋଟରଙ୍କ ଆସ୍ଥାଭାଜନ ହେବାକୁ ଉଦ୍ୟମ ଜାରି ରଖିଛନ୍ତି । ଆସନ୍ତା ୨୯ତାରିଖରେ ଚତୁର୍ଥ ପର୍ଯ୍ୟାୟରେ ବରୀ ନିର୍ବାଚନମଣ୍ଡଳୀର ୨,୧୦,୩୬୭ ଭୋଟର ମତଦାନ କରିବେ। ୨୦୦୪ରେ ବରୀ ବ୍ଲକର ସମସ୍ତ ୨୯ ପଞ୍ଚାୟତ, ରସୁଲପୁର ବ୍ଲକର ୧୦ ଓ ଯାଜପୁର ବ୍ଲକର ୮ଟି ଗ୍ରାମ ପଞ୍ଚାୟତକୁ ନେଇ ବରୀ ନିର୍ବାଚନମଣ୍ଡଳୀ ପୁର୍ନଗଠିତ ହୋଇଛି। ପୂର୍ବରୁ କେନ୍ଦ୍ରାପଡ଼ା ଜିଲା ଡେରାବିଶ ବ୍ଲକର ୧୮ପଞ୍ଚାୟତ ଏହି ନିର୍ବାଚନମଣ୍ଡଳୀରେ ସାମିଲ ହୋଇଥିଲା। ଗତ ପଞ୍ଚାୟତ ନିର୍ବାଚନରେ ଏଠାରେ ଭାଜପାର ଭୋଟହାର ବୃଦ୍ଧି ଘଟିଥିଲା। ବରୀ ବ୍ଲକରେ ବିଜେଡି ୪୦,୩୩୧ ଓ ଭାଜପାକୁ ୪୩,୮୨୮ ଏବଂ ରସୁଲପୁର ବ୍ଲକରେ ବିଜେଡି ୪୭,୬୨୩ ଓ ଭାଜପା ୪୫,୫୨୪ ଭୋଟ ମିଳିଥିଲା। ଏଥିରେ ବରୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ତଥା ବିଜେଡି ବିଧାୟକ ପ୍ରାର୍ଥୀ ସୁନନ୍ଦା ଦାସ ଓ ତାଙ୍କ ସ୍ୱାମୀ ଦେବେନ୍ଦ୍ର ଦାସଙ୍କ ବଳିଷ୍ଠ ସଂଗଠନ ବଳରେ ଏହା ସମ୍ଭବ ହୋଇ ପାରିଥିଲା ବୋଲି କୁହାଯାଉଛି। ଚଳିତ ନିର୍ବାଚନରେ ବିଭିନ୍ନ ଶ୍ରମିକ ସଂଘ, ଭୂମିପୁତ୍ର କୃଷକ ସଂଘ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ତଥା ବିଭିନ୍ନ ଧାର୍ମିକ ଅନୁଷ୍ଠାନ ସୁନନ୍ଦାଙ୍କୁ ପ୍ରଚାରରେ ସହଯୋଗ କରୁଛନ୍ତି। ପ୍ରାର୍ଥୀ ଘୋଷଣା ହେବାଠାରୁ କଂଗ୍ରେସ ଓ ଭାଜପାରୁ ଶତାଧିକ ସମର୍ଥକ ବିଜେଡିରେ ଯୋଗଦେଇଛନ୍ତି। ନିର୍ବାଚନମଣ୍ଡଳୀର ୧,୩୩,୦୮୧ ମହିଳା ଭୋଟର ମଧ୍ୟରୁ ଅଧିକାଂଶ ତାଙ୍କ ସମର୍ଥନରେ ରହିଥିବା ଚର୍ଚ୍ଚା ହେଉଛି। ଅପରପକ୍ଷରେ ସୁନନ୍ଦାଙ୍କ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାଜପା ପ୍ରାର୍ଥୀ ବିଶ୍ୱରଞ୍ଜନଙ୍କ ପାଇଁ ପରିସ୍ଥିତି କ୍ରମଶଃ ଜଟିଳ ହେବାରେ ଲାଗିଛି। ୨୦୧୪ନିର୍ବାଚନରେ ବିଶ୍ୱରଞ୍ଜନ ସ୍ୱାଧୀନ ଭାବେ ଲଢି ୭,୧୭୩ ଭୋଟ ବ୍ୟବଧାନରେ ଦେବାଶିଷ ନାୟକଙ୍କଠାରୁ ପରାଜିତ ହୋଇଥିଲେ। ସେହି ସଫଳତା ଭାଜପା ପ୍ରାର୍ଥୀ ହୋଇ ପୁଣି ଦୋହରାଇବା ସହିତ ଅଧିକ ସମର୍ଥନ ହାସଲ କରି ନିର୍ବାଚନୀ ବୈତରଣୀ ପାର ହେବା ଲକ୍ଷ୍ୟରେ ବିଶ୍ୱ ରହିଛନ୍ତି । ଜିଲାର ଅନ୍ୟ ନିର୍ବାଚନମଣ୍ଡଳୀରେ ଭାଜପାର ସ୍ଥିତି ଆଶାନୁରୂପ ରହିଥିଲେ ହେଁ ବରୀରେ ଏହାର ଓଲଟା ହେଉଥିବା ଲକ୍ଷ୍ୟ କରାଯାଉଛି। କଂଗ୍ରେସର ଉମେଶ ଜେନା ଦଳୀୟ ଭୋଟବ୍ୟାଙ୍କ ଉପରେ ଭରସା ରଖି ପ୍ରଚାର ଚଳାଇଛନ୍ତି । ତେବେ ପରିବର୍ତ୍ତିତ ପାଣିପାଗରେ ଜନାଧାର କାହା ସପକ୍ଷରେ ଯିବ ତାହା ନିର୍ବାଚନ ଫଳାଫଳ ସ୍ପଷ୍ଟ କରିବ ବୋଲି ମତପ୍ରକାଶ ପାଉଛି।

**ବରୀ ନିର୍ବାଚନମଣ୍ଡଳୀ**
- ସୁବିଧାଜନକ ସ୍ଥିତିରେ ସୁନନ୍ଦା
- ଅତୀତର ସଫଳତାକୁ ପୁଞ୍ଜି କରୁଛନ୍ତି ବିଶ୍ୱ
- ଭୋଟବ୍ୟାଙ୍କ ଉପରେ ଉମେଶଙ୍କ ଭରସା

### ସାଇବାବାଙ୍କ ମନ୍ଦିର ପ୍ରତିଷ୍ଠା

**ବରୀ/ରତ୍ନଗିରି, ୨୪।୪(ସ୍ୱ.ପ୍ର./ଡି.ଏନ.ଏ.)**

ବରୀ ବ୍ଲକ ଅଧୀନ ବାଲିବିଲଠାରେ ବୁଧବାର ଶିରିଡି ସାଇବାବାଙ୍କ ମନ୍ଦିର ପ୍ରତିଷ୍ଠା ଓ ବିଗ୍ରହ ସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସକାଳ ୫ଟାରେ ୨ ହଜାରରୁ ଊର୍ଦ୍ଧ୍ୱ ମହିଳା କଳସ ଯାତ୍ରାରେ ସାଇ ମନ୍ଦିର ନିକଟରୁ ବାହାରି ବାଲୁଙ୍କେଶ୍ୱର ମନ୍ଦିର ଦେଇ ଗ୍ରାମ ପରିକ୍ରମା କରିଥିଲେ। ପୂର୍ବସୂଚୀ ଅନୁଯାୟୀ, ବୁଧବାର କଳସ ଯାତ୍ରା, ଅଗ୍ନି ସଂସ୍କାର, ପ୍ରସାଦ ସେବନ ଓ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ରହିଥିବାବେଳେ ଗୁରୁବାର ସୂର୍ଯ୍ୟ ପୂଜା, ବାସ୍ତୁ ପୂଜା, ମନ୍ଦିର ଉତ୍ସର୍ଗ, କପିଳସେବା ଶ୍ରମ ଉଦ୍‌ଘାଟନ, ଦେବତାଙ୍କ ନ୍ୟାସ, ପ୍ରସାଦ ସେବନ, ଚରାଡି ଯାତ୍ରା ଓ ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ରହିଛି। ଶୁକ୍ରବାର ସୂର୍ଯ୍ୟପୂଜା, ପୂର୍ଣ୍ଣାହୁତି ସହ ସାଇ ଭଜନ ସନ୍ଧ୍ୟାର କାର୍ଯ୍ୟକ୍ରମ ରହିଛି। ଏନେଇ ଶହଶହ ସଂଖ୍ୟାରେ ସାଇ ଭକ୍ତଙ୍କ ଭିଡ ଜମିବାରେ ଲାଗିଛି। ଆଧ୍ୟାତ୍ମିକ ଚିନ୍ତା ଓ ଚେତନା ସହିତ ନାମ ସଂକୀର୍ତ୍ତନରେ ଭକ୍ତ ବିଭୋର ହୋଇଉଠୁଛନ୍ତି।

## ବିଞ୍ଝାରପୁର ନିର୍ବାଚନମଣ୍ଡଳୀ

# ବିରୋଧର ସମ୍ମୁଖୀନ ହେଉଛନ୍ତି ବିଜେଡି ପ୍ରାର୍ଥିନୀ

**ଯାଜପୁର ଅଫିସ,୨୪।୪**

ଯାଜପୁର ଜିଲାରେ ସାଧାରଣ ନିର୍ବାଚନ ପ୍ରଚାରକୁ ଆଉ ମାତ୍ର ୩ ଦିନ ବାକି ରହିଲା। ଏଥିଯୋଗୁ ଜିଲାର ୧ ଲୋକ ସଭା ଓ ୭ ବିଧାନସଭା ଆସନରେ ରାଜନୈତିକ ବାତାବରଣ ଉଷ୍ମ ହେଉଛି। ପ୍ରଚାର ଜମିବା ସହ ବିଜେଡି, ଭାଜପା ଓ କଂଗ୍ରେସର ଷ୍ଟାର ପ୍ରଚାରକମାନେ ନିର୍ବାଚନୀ ସଭା ଓ ରୋଡ ଶୋ କରୁଛନ୍ତି। ଏଠାରେ ରାଜନୈତିକସ୍ଥିତି ପରିବର୍ତ୍ତନ ହେଉଥିବା ନେଇ ଚର୍ଚ୍ଚା ଜୋର ଧରିଛି। ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ମଙ୍ଗଳବାର ବିଜେଡି ନେତ୍ରୀ ପ୍ରମିଳା ମଲ୍ଲିକ ପ୍ରଚାରକୁ ଯାଉଥିବାବେଳେ ଦଶରଥପୁର ବ୍ଲକ ପାଲଟପୁର ପଞ୍ଚାୟତବାସୀ ହିସାବ ମାଗିଥିବାରୁ ସେ ପ୍ରଚାର ଅଧାରୁ ଫେରି ଯାଇଥିବା ସୂଚନା ମିଳିଛି । ବ୍ୟାପକ ଦୁର୍ନୀତି, ଦଳୀୟ ଅନ୍ତଃକନ୍ଦଳ, ପୁରୁଖା ନେତାଙ୍କ କରଛଡ଼ା ଆଦି ଯୋଗୁ ପ୍ରମିଳା ଚଳିତ ଥର ଭୋଟରଙ୍କ ମଧ୍ୟରେ ସେତେଟା ଗ୍ରହଣୀୟ ହୋଇ ପାରୁନାହାନ୍ତି । ଏଥିଯୋଗୁ ଏଠାରେ ତ୍ରିମୁଖୀ ଲଢେଇ ହେଉଥିବା ସ୍ପଷ୍ଟ ବାରି ହେଉଛି। ନିର୍ବାଚନକୁ ଆଉ ମାତ୍ର ୫ ଦିନ ଥିବାରୁ ଲୋକଙ୍କ ବିରୋଧକୁ ପ୍ରତିହତ ଏବଂ ସମର୍ଥନ ହାସଲ କରିବାକୁ ଏବେଠାରୁ ବିଭିନ୍ନ ଉପହାର ଓ ଟଙ୍କାର ଲୋଭ ଦେଖାଇବା ମଧ୍ୟ ଆରମ୍ଭ ହୋଇଯାଇଛି। ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ଟଙ୍କା ଓ ଉପହାର ବାଣ୍ଟିବା ପ୍ରକ୍ରିୟା ଅଧିକ କ୍ରିୟାଶୀଳ ହୋଇଥିବା ପରିଲକ୍ଷିତ ହୋଇଛି। ଏଠାରେ ବିଜେଡି ପ୍ରାର୍ଥୀ ପ୍ରମିଳା ଗତ ୨ଦଶନ୍ଧି ହେଲା ନିରନ୍ତର କ୍ଷମତା ହାସଲ କରି ଆସୁଛନ୍ତି। ମାତ୍ର ଚଳିତ ନିର୍ବାଚନରେ ପ୍ରମିଳାଙ୍କୁ ରୋକ୍ ଲଗାଇବା ପାଇଁ ଦୁଇ ପ୍ରମୁଖ ବିରୋଧୀ ଭାଜପା ଓ କଂଗ୍ରେସ ସମସ୍ତ ବଳ ପ୍ରୟୋଗ କରୁଛନ୍ତି । ଏଥିଯୋଗୁ ଦଶରଥପୁର ଓ ବିଞ୍ଝାରପୁର ବ୍ଲକରେ ବିଜେଡି ନିଜର ଭୋଟମୁଣ୍ଡିକୁ ସୁରକ୍ଷିତ ରଖିବାକୁ ପୂର୍ବରୁ ୧୫ଟି ବ୍ରିଜ୍ ଓ ସଡ଼କର ଭିତ୍ତିଭୂମି ସ୍ଥାପନ ସହ କେତେକ ନୂତନ ପ୍ରକଳ୍ପ ବିଧାୟିକା ପ୍ରମିଳା ଉଦ୍‌ଘାଟନ କରିଛନ୍ତି। କିନ୍ତୁ ସାଧାରଣ ଲୋକେ ଆବାସ ଯୋଜନାରେ ସାମିଲ ହୋଇ ନ ଥିବା, ରାଶନରୁ ବଞ୍ଚିତ, କାଳିଆ ଟଙ୍କା ନ ମିଳିବା, ଯୋଗ୍ୟ ହିତାଧିକାରୀଙ୍କୁ ଭତ୍ତା ନ ମିଳିବା ଭଳି ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ଲୋକେ ବିଧାୟକଙ୍କୁ ବିରୋଧ କରୁଥିବା ଦେଖିବାକୁ ମିଳିଛି । ଏହାବାଦ ପାଲଟପୁର ପଞ୍ଚାୟତରେ ୨୦୦୮ରୁ ସ୍ୱଜଳଧାରା ପ୍ରକଳ୍ପ ନିର୍ମାଣ ହୋଇଥିଲେ ହେଁ ୧୧ବର୍ଷ ପରେ ମଧ୍ୟ ଏପର୍ଯ୍ୟନ୍ତ ପାଣି ମୁନ୍ଦେ ନ ମିଳିବା ଭଳି ସମସ୍ୟା ରହିଛି। ସାରା ବିଞ୍ଝାରପୁର ନିର୍ବାଚନମଣ୍ଡଳୀରେ ଏଭଳି ମୌଳିକ ସମସ୍ୟା ଲାଗି ରହିଛି । ଡ୍ରେନେଜ, ଜଳସମ୍ପଦ, ଆବାସ ଆଦି ଯୋଜନାରେ ଦୁର୍ନୀତି ଓ ଦୁର୍ନୀତିରେ ସମ୍ପୃକ୍ତ ଅଧିକାରୀଙ୍କୁ ସୁରକ୍ଷା ଯୋଗାଇ ଦେବାରେ ଏହି ନିର୍ବାଚନମଣ୍ଡଳୀ ସାରା ଜିଲାରେ ନିନ୍ଦିତ ମଧ୍ୟ ହୋଇ ସାରିଛି। ତେବେ ବିଧାୟିକା ପ୍ରମିଳା ଏନେଇ ଆଦୌ ଚିନ୍ତିତ ନ ଥିଲା ଭଳି ଲାଗୁଛି । ଚିରାଚରିତ ଢଙ୍ଗରେ ସେ ପ୍ରଚାର ଚଳାଇ ନିର୍ବାଚନ ଜିତିବା ଲକ୍ଷ୍ୟ ରଖିଛନ୍ତି। କିନ୍ତୁ ଏଥର ନିର୍ବାଚନ ଲଢେଇ ଏତେ ସହଜ ନୁହେଁ ବୋଲି ଚର୍ଚ୍ଚା ହେଉଛି। ବିଶେଷକରି ଏଠାରେ ଶାସକ ଦଳ ଚାପରେ ଅଯୋଗ୍ୟ ହିତାଧିକାରୀଙ୍କୁ ଗ୍ରାମୀଣ ଆବାସ ଯୋଗାଇ ଦିଆଯାଇଛି । ବିଗତ ୧୮ ବର୍ଷ ମଧ୍ୟରେ ଏହି ବ୍ଲକରେ ସ୍ୱଚ୍ଛଳ ଭାବେ ରହିଥିବା ଗୋଟିଏ ଗୋଟିଏ ପରିବାରକୁ ୫ରୁ ୭ଟି ଗ୍ରାମୀଣ ଆବାସ ଯୋଗାଇ ଦେବା ଓ ଗାଇଡ ଲାଇନ ଉଲ୍ଲଙ୍ଘନ କରି ଅଯୋଗ୍ୟ ହିତାଧିକାରୀଙ୍କୁ ବିଜୁ ପକ୍କାଘର ଯୋଗାଇ ଦିଆଯାଇଛି। ଏଥିରେ ଖୋଦ ବିଡିଓ, ଯନ୍ତ୍ରୀ ଓ ଭିଏଲଡବ୍ଲ୍ୟୁ ସମ୍ପୃକ୍ତି ଥିବା ନେଇ ଅଭିଯୋଗ ହୋଇଥିବାବେଳେ ସେମାନଙ୍କୁ ପୁଣି ଏହି ଦୁର୍ନୀତିର ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ତଦନ୍ତ ମଧ୍ୟ ଚାପି ହୋଇଗଲା। ଏନେଇ ଗରିବ ଲୋକଙ୍କ ମଧ୍ୟରେ ଅନ୍ତଃସ୍ରୋତ ମତଦାନ କୁହୁଳୁଥିବା ମନେ ହେଉଛି । ଅଞ୍ଚଳର ବିକାଶରେ ଅନ୍ତରାୟ ସାଜିଥିବା ବିଜେଡିର ନେତୃତ୍ୱ ବିରୋଧରେ ବିଭିନ୍ନ ସମୟରେ ସ୍ୱରଉତ୍ତୋଳନ କରି ଆସୁଥିବା ଭାଜପା ଓ କଂଗ୍ରେସ ପ୍ରତି ଅଞ୍ଚଳବାସୀଙ୍କ ସମର୍ଥନ ବଢୁଥିବା ଚର୍ଚ୍ଚା ହେଉଛି। ପ୍ରମିଳା ଯଦି ନବୀନ ହାୱାକୁ ନିଜ ସପକ୍ଷରେ ଠିକ ଭାବେ ବିନିଯୋଗ କରି ନ ପାରନ୍ତି ତେବେ ଜନ ସମର୍ଥନ ଭାଜପା କିମ୍ବା କଂଗ୍ରେସକୁ ଯାଇପାରେ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ହେଉଛି।

**ତିନି ପ୍ରାର୍ଥୀଙ୍କ ମଧ୍ୟରେ କଡ଼ା ଟକ୍କର**

### ବିଜେଡିର ଜୋନ୍ ସ୍ତରୀୟ କର୍ମୀ ସମାବେଶ, ରୋଡ୍ ଶୋ



ବିଜେଡିର ରୋଡ୍ ଶୋରେ ବିଧାୟକ ଓ ଏମ୍‌ପି ପ୍ରାର୍ଥୀ

**ଧର୍ମଶାଳା,୨୪।୪(ଡି.ଏନ୍.ଏ.)**

ବିଜେଡି ଏମ୍‌ପି ପ୍ରାର୍ଥୀ ଶର୍ମିଷ୍ଠା ସେଠୀ ଓ ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ବୁଧବାର ୧୧ ଓ ୧୪ ନମ୍ବର ଜୋନ୍‌ରେ ରୋଡ୍ ଶୋ କରିଛନ୍ତି। ଏ ନେଇ କର୍ମୀଙ୍କ ମଧ୍ୟରେ ଉତ୍ସାହ ଦେଖାଦେଇଥିଲା। ନିର୍ବାଚନମଣ୍ଡଳୀର ଏଣ୍ଡଳବା, ରେଖିଦେଇପୁର, ରାଇଛନ୍ଧା, ଚକ୍ରଧରପୁର, ତାଳଜଙ୍ଗ, ଅଞ୍ଜିରା, ମଧୁସୂଦନପୁର, କବାଟବନ୍ଧ, ମର୍ଜିତାପୁର, ଜାରକା, ଚୋରମୁହାଁ, ଚହଟା, ଅଭୟପୁର, ଭବାନିପୁର, ବଡ଼କାଇମା, ମିର୍ଜାପୁର, ପାଟପୁର, ସୁନ୍ଦୁରିଆ ଗ୍ରାମ ଦେଇ ରୋଡ୍ ଶୋ ଅତିକ୍ରମ ବେଳେ ଉଭୟ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା। ଏହା ପୂର୍ବରୁ ମଙ୍ଗଳବାର ଧର୍ମଶାଳା ବ୍ଲକ କୋଟପୁର ପଞ୍ଚାୟତଠାରେ ୧୫ନଂ ଜୋନ୍‌ର କର୍ମୀଙ୍କୁ ନେଇ ଏକ କର୍ମୀ ସମାବେଶ ଆୟୋଜିତ ହୋଇଥିଲା। ନିର୍ବାଚନମଣ୍ଡଳୀ ସଭାପତି ଜଳଧର ମହାନ୍ତିଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଜେଡି ବିଧାୟକ ପ୍ରାର୍ଥୀ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ଦଳର ଲୋକାଭିମୁଖି କାର୍ଯ୍ୟକ୍ରମ ସମ୍ପର୍କରେ କହିଥିଲେ। ଏଥିସହ ଧର୍ମଶାଳାରେ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ଉପରେ ଆଲୋକପାତ କରି ଆଗାମୀ ନିର୍ବାଚନରେ ଦଳ ସପକ୍ଷରେ ଭୋଟ ଦେବା ପାଇଁ କର୍ମୀଙ୍କୁ ନିବେଦନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଧର୍ମଶାଳା ବିଜେଡି ବରିଷ୍ଠ ନେତା ସନ୍ତୋଷ କୁମାର ଜେନା, ଜିଲା ସାଧାରଣ ସମ୍ପାଦକ ପ୍ରିୟନାଥ ମହାପାତ୍ର, ରାଜ୍ୟ ପରିଷଦ ସଭ୍ୟ ଜଳଧର ସାହୁ, ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ଧର୍ମଶାଳା ବ୍ଲକ ବିଜେଡି ସଭାପତି ନିରଞ୍ଜନ ବଳ, ପୀତାମ୍ବର ନାୟକ, ଜିଲା ପରିଷଦ ସଭ୍ୟା ମମତା ଦଣ୍ଡପାଟ, ଅଧରକାନ୍ତ ଜେନା, ବାମଦେବ ପାଢୀ, ଅମରେନ୍ଦ୍ର ରାୟ, କ୍ଷୀତିଶ ନାୟକ ପ୍ରମୁଖ ଯୋଗଦେଇ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଏବଂ ପ୍ରାର୍ଥୀ ଶର୍ମିଷ୍ଠା ସେଠୀଙ୍କୁ ବିପୁଳ ସଂଖ୍ୟାରେ ଭୋଟଦେଇ ଜୟଯୁକ୍ତ କରିବାକୁ କହିଥିଲେ।

### ଦୋକାନରୁ ଉଠାଇ ନେଇ ଯୁବତୀଙ୍କୁ ଗଣବଳାତ୍କାର

**କଳିଙ୍ଗନଗର,୨୪।୪(ଡି.ଏନ୍.ଏ):** ଯାଜପୁର ଜିଲା ସୁକିନ୍ଦା ଥାନା ଅଞ୍ଚଳରେ ଜଣେ ଯୁବତୀଙ୍କୁ ଦୋକାନରୁ ଉଠାଇ ନେଇ ସେହି ଅଞ୍ଚଳର ୪ଜଣ ଯୁବକ ବୁଧବାର ଗଣବଳାତ୍କାର କରିଛନ୍ତି। ଏନେଇ ପୀଡ଼ିତାଙ୍କ ବାପା ସୁକିନ୍ଦା ଥାନାରେ ଏକ ଲିଖିତ ଅଭିଯୋଗ କରିଛନ୍ତି। ଖବର ଲେଖା ହେବା ପର୍ଯ୍ୟନ୍ତ ପୋଲିସ ଅଭିଯୋଗକୁ ଗ୍ରହଣ କରି ନାହିଁ। ଫଳରେ ଶତାଧିକ ଗ୍ରାମବାସୀ ଅଭିଯୁକ୍ତଙ୍କ ଗିରଫ ଦାବି କରି ଥାନା ଘେରାଉ କରିଛନ୍ତି। ଅଭିଯୋଗ ଅନୁଯାୟୀ ବୁଧବାର ଅପରାହ୍ନ ପ୍ରାୟ ୪ଟାରେ ଯୁବତୀ ଜଣକ ଘର ନିକଟସ୍ଥ ତାଙ୍କ ଦୋକାନରେ ବସିଥିବାବେଳେ ସେହି ଅଞ୍ଚଳର ଜଣେ ଯୁବକ ଦୋକାନକୁ ଯାଇ ଯୁବତୀଙ୍କୁ ଏକ ସଫଳ ମାଗିଥିଲେ। ପରେ ତାଙ୍କୁ ଜୋର ଜବରଦସ୍ତ ଟାଣି ନେଇ ଏକ କାର୍‌ରେ ଡୁବୁରୀ ଆଡ଼କୁ ନେଇଯାଇଥିଲେ। ରାସ୍ତାରେ ଗାଡ଼ି ଭିତରେ ଯୁବକ ଜଣକ ଯୁବତୀଙ୍କୁ ବଳାତ୍କାର କରିଥିଲେ। ଏପରି କି ତାଙ୍କୁ ଧବଳଗିରିରେ ଚାକିରି କରିଦେବାକୁ କହି ଆଇଟିଆଇ କଲେଜ ପଛପଟେ ଥିବା ଏକ ପରିତ୍ୟକ୍ତ ଘରକୁ ନେଇଯାଇଥିଲେ। ସେଠାରେ ପୂର୍ବରୁ ଛପି ରହିଥିବା ଅନ୍ୟ ୩ଜଣ ଯୁବକ ମିଳିମିଶି ଯୁବତୀଙ୍କୁ ବଳାତ୍କାର କରିଥିଲେ। ପରେ ଉକ୍ତ ଯୁବକ ଜଣକ କାର୍‌ରେ ପୀଡ଼ିତା ଯୁବତୀଙ୍କୁ ଆଣି ଘର ନିକଟରେ ଛାଡ଼ି ଚାଲିଯାଇଥିଲେ ବୋଲି ଯୁବତୀଙ୍କ ପିତା ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏହିଘଟଣାରେ ସ୍ଥାନୀୟ ଅଞ୍ଚଳର ଜଣେ ନେତାଙ୍କ ସମ୍ପର୍କୀୟଙ୍କ ସମ୍ପୃକ୍ତି ଥିବାରୁ ପୋଲିସ ଅଭିଯୋଗକୁ ଗ୍ରହଣ କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ସହ ଯୋଗାଯୋଗ କରିଥିଲେ ସୁଦ୍ଧା କୌଣସି ମତାମତ ମିଳିପାରି ନାହିଁ।

### ବିଦ୍ୟୁତ୍ ସଂଯୋଗ ନେଇ ମିଳିଲା ପ୍ରତିଶ୍ରୁତି

**ଯାଜପୁରରୋଡ,୨୪।୪(ନି.ପ୍ର.)**

କୋରେଇ ବିଦ୍ୟୁତ୍ ସେକ୍ସନର ରେଳବାଇ ବ୍ରିଜ୍ ନିକଟରେ ଥିବା ଉଚ୍ଚ କ୍ଷମତାସମ୍ପନ୍ନ କେବୁଲ ଦୀର୍ଘଦିନ ହେବ ଜଳିଯିବାରୁ ବିଦ୍ୟୁତ୍ ସରବରାହ ବ୍ୟାହତ ହୋଇଛି। ଏହାଦ୍ୱାରା ସେକ୍ସନ ଅଧୀନରେ ଥିବା ୪୦ରୁ ଊର୍ଦ୍ଧ୍ୱ ଗ୍ରାମ ପ୍ରଭାବିତ ହୋଇଛି। ଏ ନେଇ କୋରେଇ ବିକାଶ ମଞ୍ଚ ପକ୍ଷରୁ ମଙ୍ଗଳବାର ଅଧୀକ୍ଷଣ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ୩ ଦିନ ମଧ୍ୟରେ ସମାଧାନ ନ ହେଲେ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବା ସହ ଭୋଟ ବର୍ଜନ କରାଯିବ ବୋଲି ଦାବିପତ୍ରରେ ଚେତାବନୀ ଦିଆଯାଇଥିଲା। ଏ ନେଇ ବୁଧବାର ଅଧୀକ୍ଷଣ ଯନ୍ତ୍ରୀ ନିର୍ମଳ ଦାସ, ନିର୍ବାହୀ ଯନ୍ତ୍ରୀ ତପନ କୁମାର ବେହେରା, ଏସଡିଓ ପାର୍ଥ ସାରଥି ଦାସ, ପରିଷଦର ସଭାପତି ଅଭିମନ୍ୟୁ ମିଶ୍ର, ସମ୍ପାଦକ ଚିନ୍ତାମଣି ପାଢୀ, ପ୍ରଦ୍ୟୁମ୍ନ ବୋଇତେଇ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସହ ଆଲୋଚନା କରିଥିଲେ। ଗୁରୁବାରଠାରୁ କେବୁଲ ସଂଯୋଗ କରାଯାଇ ୩ ଦିନ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ପରିଷଦ ପକ୍ଷରୁ ଦିଆଯାଇଥିବା ଆନ୍ଦୋଳନ ଚେତାବନୀକୁ ସ୍ଥଗିତ ରଖାଯାଇଛି।

### ସୁନନ୍ଦାଙ୍କ ନିର୍ବାଚନୀ ପ୍ରଚାର

**ବରୀ,୨୪।୪(ସ୍ୱ.ପ୍ର.)**

ନିର୍ବାଚନ ତାରିଖ ପାଖେଇ ଆସୁଥିବାବେଳେ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ପ୍ରଚାର ଜୋରଦାର ହେଉଛି। ବରୀ ନିର୍ବାଚନମଣ୍ଡଳୀର ବିଜେଡି ପ୍ରାର୍ଥିନୀ ସୁନନ୍ଦା ଦାସ ବୁଧବାର ନିର୍ବାଚନୀ ପ୍ରଚାର କରିଛନ୍ତି। ମୁଖ୍ୟମନ୍ତ୍ରୀ ବରୀ ଗସ୍ତରେ ଆସି ଫେରିବା ପରଠାରୁ ବିଜେଡି ଆହୁରି ଶକ୍ତିଶାଳୀ ହୋଇଥିବା ଶୁଣିବାକୁ ମିଳିଛି। ବୁଧବାର ରତ୍ନଗିରି, ଅମଠପୁର, ମହାକାଳପଡାରେ ବାଇକ୍ ଶୋଭାଯାତ୍ରା କରାଯିବା ସହ ସୁନନ୍ଦା ବରୀ ପଞ୍ଚାୟତରେ ପଦଯାତ୍ରା କରି ଭୋଟ ଭିକ୍ଷା କରିଛନ୍ତି। ସନ୍ଧ୍ୟାରେ ବରୀ ବଜାର ଉପରେ ୪କେ ପ୍ରୋଜେକ୍ଟର ଦ୍ୱାରା ନାଚଗୀତ ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଉଥିବା ଦେଖିବାକୁ ମିଳିଛି। ପ୍ରଚାରରେ ଶହଶହ ସଂଖ୍ୟାରେ ଯୁବ ଗୋଷ୍ଠୀ ସାମିଲ ହୋଇଥିଲାବେଳେ ଶତାଧିକ ଭାଜପା ଓ କଂଗ୍ରେସ କର୍ମୀ ବିଜେଡିରେ ଯୋଗଦେଇଛନ୍ତି। ନିର୍ବାଚନରେ ସୁନନ୍ଦାଙ୍କ ପ୍ରଚାରର ପ୍ରଭାବ ଭୋଟରଙ୍କୁ ଆକୃଷ୍ଟ କରୁଛି ବୋଲି ଆଲୋଚନା ହେଉଛି। ଅଟିରା ପଞ୍ଚାୟତର ରବୀନ୍ଦ୍ର ମଲିକ, ସୁପୁ ମଲିକ, ମହେନ୍ଦ୍ର ମଲିକ, ପ୍ରଶାନ୍ତ ମଲିକ, ପ୍ରକାଶ ଜେନା, ବିଷ୍ଣୁ ମଲିକ, ଦୁଷ୍ମନ୍ତ ମଲିକ, ମନୋଜ ଜେନା, ସୁବାସ ଜେନା, ଗଣେଶ ମଲିକ, ଶ୍ୟାମସୁନ୍ଦର ମଲିକ, ଜତିନ୍ଦ୍ର ଜେନା,ଶ୍ରୀକାନ୍ତ ଜେନା ପ୍ରମୁଖ ଶତାଧିକ ଦଳିତ ଭାଜପା ଓ କଂଗ୍ରେସ କର୍ମୀମାନେ ବିଜେଡିରେ ଯୋଗଦେଇଛନ୍ତି।

# ଯାଜପୁର ଜିଲା ଭୋଟର ସଂଖ୍ୟା ଚୂଡ଼ାନ୍ତ

## ■ ୧,୭୧,୮୯୩ ନୂଆ ଭୋଟର ସାମିଲ, ■ ନିର୍ଣ୍ଣାୟକ ହୋଇପାରନ୍ତି ଯୁବ ଭୋଟର

**ଯାଜପୁର ଅଫିସ,୨୪।୪**

ଯାଜପୁର ଜିଲାରେ ଆସନ୍ତା ୨୯ ତାରିଖରେ ହେବାକୁ ଥିବା ସାଧାରଣ ନିର୍ବାଚନ ପାଇଁ ଚୂଡ଼ାନ୍ତ ଭୋଟର ସଂଖ୍ୟା ପ୍ରକାଶ ପାଇଛି। ଏଥର ୧,୭୧,୮୯୩ ନୂଆ ଭୋଟର ତାଙ୍କର ମତଦାନ ସାବ୍ୟସ୍ତ କରିବେ। ଏଥିରେ ମହିଳା ଭୋଟର ସର୍ବାଧିକ ଭାବେ ୯୮,୬୧୩ ହୋଇଥିବାବେଳେ ପୁରୁଷ ଭୋଟର ସଂଖ୍ୟା ୭୩,୨୦୯ ଓ ଅନ୍ୟାନ୍ୟରେ ୭୧ ରହିଛନ୍ତି । ନୂଆ ଭୋଟରଙ୍କ ମଧ୍ୟରେ ଅଧିକାଂଶ ଯୁବ ଭୋଟର ରହିଥିବାବେଳେ ଏହା ଗଣତନ୍ତ୍ର ପାଇଁ ଶୁଭଙ୍କର ବୋଲି ମତପ୍ରକାଶ ପାଇଛି । ଏହି ଯୁବ ଭୋଟରମାନେ ରାଜନୈତିକ ସମୀକରଣକୁ ଓଲଟପାଲଟ କରି ନିର୍ଣ୍ଣାୟକ ହୋଇପାରନ୍ତି ବୋଲି ରାଜନୈତିକ ବିଶେଷଜ୍ଞମାନେ ମତପୋଷଣ କରୁଛନ୍ତି। ଚଳିତ ନିର୍ବାଚନରେ ଗତ ଥରର ମତଦାନ ହାର ଅପେକ୍ଷା ଏଥର ରେକର୍ଡ ସୃଷ୍ଟି କରିବ ବୋଲି ପ୍ରଶାସନ ପକ୍ଷରୁ ଆଶାପୋଷଣ କରାଯାଇଛି । ଜିଲା ପ୍ରଶାସନ ପକ୍ଷରୁ ମିଳିଥିବା ଚୂଡ଼ାନ୍ତ ରିପୋର୍ଟ ଅନୁସାରେ ୨୦୧୪ ନିର୍ବାଚନରେ ମୋଟ ଭୋଟରଙ୍କ ସଂଖ୍ୟା ୧୩,୦୦,୭୪୫ ହୋଇଥିଲାବେଳେ ଚଳିତ ନିର୍ବାଚନରେ ନିରବଚ୍ଛିନ୍ନ ଭୋଟର ସଂଶୋଧନ ପ୍ରକ୍ରିୟା ଆଧାରରେ ଏପ୍ରିଲ ୨୨ତାରିଖ ସୁଦ୍ଧା ମୋଟ ୧୪,୭୨,୬୩୮ ଭୋଟର ରହିଛନ୍ତି। ଜିଲାର ୧୬୧୯ ଟି ବୁଥ୍‌ରେ ଭୋଟରମାନେ ମତଦାନ କରିପାରିବେ ବୋଲି ଜିଲାପାଳ ତଥା ଜିଲା ନିର୍ବାଚନ ଅଧିକାରୀ ରଞ୍ଜନ କୁମାର ଦାସ ସୂଚନା ଦେଇଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଆଦିବାସୀ ବହୁଳ ସୁକିନ୍ଦା ନିର୍ବାଚନମଣ୍ଡଳୀରେ ଗତ ୩ ସାଧାରଣ ନିର୍ବାଚନରେ ସର୍ବାଧିକ ମତଦାନ ହୋଇଛି। ଏପରିକି ସୁକିନ୍ଦାରେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ବିଜେଡି ଓ କଂଗ୍ରେସ ମଧ୍ୟରେ ହାରଜିତ ବ୍ୟବଧାନ ସମୁଦାୟ ମତଦାନର ୫ପ୍ରତିଶତ ମଧ୍ୟରେ ରହି ଆସିଛି। ଅନ୍ୟପକ୍ଷେ ପ୍ରଶାସନିକ, ବ୍ୟବସାୟିକ ଓ ସାମାଜିକ ଦୃଷ୍ଟିରୁ ବ୍ୟାସନଗର ସହର କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ଭାବେ ପରିଚିତ। ଏହାବାଦ ଯାଜପୁର ସହର ଜିଲା ସଦର ମହକୁମା ସହିତ ବିରଜାକ୍ଷେତ୍ର ଭାବେ ପରିଚିତ। କୋରେଇ ନିର୍ବାଚନମଣ୍ଡଳୀରେ ବ୍ୟାସନଗର ସହର ରହିଛି । ଯାହାର ଲୋକସଂଖ୍ୟା ପ୍ରାୟ ଦେଢ ଲକ୍ଷ ଟପିଲାଣି ଏହି ନିର୍ବାଚନମଣ୍ଡଳୀରେ ୨୦୧୪ରେ ୭୫.୭୧ ପ୍ରତିଶତ, ୨୦୦୯ରେ ୬୬.୯୬ ପ୍ରତିଶତ ଓ ୨୦୦୪ରେ ୬୪.୮୫ ପ୍ରତିଶତ ମତଦାନ ହୋଇଥିଲା। ସେହିପରି ଯାଜପୁର ସହର ରହିଥିବା ଯାଜପୁର ନିର୍ବାଚନମଣ୍ଡଳୀରେ ଗତ ୨୦୧୪ରେ ୭୨.୧୨ ପ୍ରତିଶତ, ୨୦୦୯ରେ ୬୩.୮୪ ପ୍ରତିଶତ ଓ ୨୦୦୪ରେ ୬୧.୪୦ ପ୍ରତିଶତ ମତଦାନ ହୋଇଥିଲା। ସୁକିନ୍ଦା ନିର୍ବାଚନମଣ୍ଡଳୀରେ ୨୦୧୪ରେ ୮୪.୩୫ ପ୍ରତିଶତ, ୨୦୦୯ରେ ୭୬.୪୪ ପ୍ରତିଶତ ଓ ୨୦୦୪ରେ ୭୬.୩୯ ପ୍ରତିଶତ ମତଦାନ କରିଥିଲେ । ସେହିପରି ୨୦୧୪ରେ ବିଞ୍ଝାରପୁରରେ ୬୭.୫୨, ବରୀରେ ୭୦.୧୩, ଧର୍ମଶାଳାରେ ୮୧.୫୭ ଓ ବଡଚଣାରେ ୭୬.୮୮ ପ୍ରତିଶତ ମତଦାନ ହୋଇଥିଲା । ଚଳିତ ନିର୍ବାଚନରେ ଭୋଟରମାନଙ୍କ ମଧ୍ୟରେ ଅଧିକ ସଚେତନତା ଦେଖା ଦେଇଛି । ଭୋଟଦାନ ହାର ପୁଣି ନିଶ୍ଚିତ ଭାବରେ ବଢ଼ିବାର ସମ୍ଭାବନା ଦେଖା ଦେଇଛି । ଯୁବ ଭୋଟରଙ୍କ ସଂଖ୍ୟା ମଧ୍ୟ ବଢିଛି । ଏହି ପରିବର୍ତ୍ତନ ଯୋଗୁ ରାଜନୈତିକ ସମୀକରଣ ଓଲଟପାଲଟ ହେବାର ସମ୍ଭାବନା ସୃଷ୍ଟି ହୋଇଛି ।

**ଯାଜପୁର ଜିଲାରେ ଚୂଡ଼ାନ୍ତ ଭୋଟର ସଂଖ୍ୟା**

| ବିଧାନସଭା | ୨୦୧୪ | ୨୦୧୯ |
|---|---|---|
| ବିଞ୍ଝାରପୁର | ୧,୯୨,୦୫୬ | ୨,୧୬,୨୪୫ |
| ବରୀ | ୧,୯୧,୧୬୭ | ୨,୧୫,୧୪୪ |
| ବଡ଼ଚଣା | ୧,୬୪,୮୪୦ | ୧,୮୪,୨୯୫ |
| ଧର୍ମଶାଳା | ୧,୯୪,୮୫୩ | ୨,୨୪,୨୬୩ |
| ଯାଜପୁର | ୨,୦୯,୧୯୬ | ୨,୩୩,୨୬୩ |
| କୋରେଇ | ୧,୭୪,୯୧୨ | ୧,୯୭,୯୬୩ |
| ସୁକିନ୍ଦା | ୧,୭୩,୭୨୧ | ୨,୦୧,୪୫୫ |
| ମୋଟ | ୧୩,୦୦,୭୪୫ | ୧୪,୭୨,୬୩୮ |

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୨୫ ଏପ୍ରିଲ, ୨୦୧୯



ଯିଏ ତୁମର ଉପକାର କରୁଛି ତାକୁ ଆପଣାର ବୋଲି ଭାବ,
ଯିଏ ତୁମର ଅହିତ ଚିନ୍ତା କରୁଛି, ତାହାଠାରୁ ଦୂରରେ ରୁହ ।
- ବ୍ୟାସଦେବ



## ସଂକ୍ଷେପରେ

### ଗରମ ତେଲ ପଡ଼ି ଯୁବକ ଗୁରୁତର



**ନୂଆଗାଁ,୨୪।୪(ଡି.ଏନ.ଏ.):** ନୟାଗଡ ଜିଲା ନୂଆଗାଁ ବ୍ଲକ ବାହାଡାଝୋଲା ଗ୍ରାମର ଜଣେ ଯୁବକଙ୍କ ଉପରେ ବୁଧବାର ଗରମ ତେଲ ପଡ଼ିଯିବାରୁ ସେ ଗୁରୁତର ହୋଇ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଯୁବକ ଜଣକ ହେଲେ ବାହାଡାଝୋଲାସ୍ଥିତ ବାସୁ ହୋଟେଲ ମାଲିକ ବବୁଲ ସାହୁ (୨୬)। ବବୁଲ ସକାଳ ୮ଟାରେ ନିଜ ହୋଟେଲରେ ବରା ପକୁଡି ଛାଣୁଥିଲେ । ଏହି ସମୟରେ ହୋଟେଲ ସାମ୍ନାରେ ଏକ ବାଇକ ଦୁର୍ଘଟଣା ଘଟିବାରୁ ସେ ଛାନିଆ ହୋଇ ଘୁଞ୍ଚି ଯାଉଥିବା ବେଳେ ଗରମ ତେଲ କଡେଇ ତାଙ୍କ ଉପରେ ପଡ଼ିଯାଇଥିଲା । ଫଳରେ ବବୁଲଙ୍କ ଅଣ୍ଟାଠାରୁ ଗୋଡ଼ ଯାଏ ପୋଡ଼ି ଯାଇଥିଲା । ପ୍ରଥମେ ତାଙ୍କୁ ବାହାଡାଝୋଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ନୟାଗଡ଼ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

### ଯୁବକଙ୍କୁ ଆକ୍ରମଣ ଘଟଣା: ଥାନାରେ ଏତଲା

**ପୁରୀ ଅଫିସ,୨୪।୪:** ପଦ୍ମ ଚିହ୍ନରେ ଭୋଟ ଦେବାକୁ କେନ୍ଦ୍ରକରି ମଙ୍ଗଳବାର ବ୍ରହ୍ମଗିରି ନିର୍ବାଚନୀମଣ୍ଡଳୀର ସାହାଣୀକେରା ଗ୍ରାମରେ ଜନ୍ମେଶ୍ୱର ସାହୁଙ୍କୁ ଏକ ଗୋଷ୍ଠୀ ଆକ୍ରମଣ କରିଥିଲେ। ଏ ନେଇ ଜନ୍ମେଶ୍ୱରଙ୍କ ସ୍ତ୍ରୀ ସଦର ଥାନାରେ ଏତଲା ଦେଇଛନ୍ତି। ଅଭିଯୋଗରେ ଦର୍ଶାଯାଇଛି ଯେ, ମଙ୍ଗଳବାର ଉଭୟ ସ୍ୱାମୀ ସ୍ତ୍ରୀ ଭୋଟ ଦେବାକୁ ଯାଉଥିଲେ। ବାଟରେ ବିଜେଡିର କେତେଜଣ ସମର୍ଥକ ଦୁହିଁଙ୍କୁ ଶଙ୍ଖ ଚିହ୍ନରେ ଭୋଟଦେବା ଲାଗି ୩ହଜାର ଟଙ୍କା ଯାଚିଥିଲେ। ମାତ୍ର ଦୁହେଁ ଏହାକୁ ଏଡ଼ାଇ ଚାଲିଯାଇଥିଲେ। ସ୍ୱାମୀ ସ୍ତ୍ରୀ ଉଭୟ ଭୋଟ ଦେଇ ଫେରୁଥିବା ବେଳେ ବିଜେଡି ସମର୍ଥକମାନେ ସେମାନଙ୍କୁ ରାସ୍ତାରେ ଅଟକାଇ କେଉଁ ଚିହ୍ନରେ ଭୋଟ ଦେଇଛ ବୋଲି ପଚାରିଥିଲେ। ଜନ୍ମେଶ୍ୱର ପଦ୍ମ ଚିହ୍ନ ବୋଲି କହିବାରୁ ତାଙ୍କୁ ଗାଳିଗୁଲଜ କରିବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତରିତ କରାଯାଇଥିଲା। ଏବେ ସେ କଟକ ବଡ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଘଟଣାର ତଦନ୍ତ ଜାରି ରହିଥିବା ପୋଲିସ କହିଛି।

### ଭାଜପା ନେତାଙ୍କୁ ଆକ୍ରମଣ ନେଇ ମାମଲା

**ପୁରୀ ଅଫିସ,୨୪।୪:** ପେଣ୍ଠକଟା ନୋଳିଆ ବସ୍ତିରେ ସୋମବାର ପୁରୀ ଜିଲା ଭାଜପା ଯୁବ ମୋର୍ଚ୍ଚା ସଭାପତି ଜୟନ୍ତ କୁମାର ଦାଶଙ୍କୁ ଆକ୍ରମଣ କରାଯାଇଥିଲା। ଏ ନେଇ ତାଙ୍କ ଅଭିଯୋଗ କ୍ରମେ ସମୁଦ୍ରକୂଳ ଥାନା ପୋଲିସ ବୁଧବାର ଏକ ମାମଲା ରୁଜୁ କରିଛି। ସୂଚନା ଅନୁଯାୟୀ, ସୋମବାର ବିଳମ୍ବିତ ରାତିରେ ପେଣ୍ଠକଟା ନୋଳିଆ ବସ୍ତିରେ ଭୋଟରଙ୍କୁ ଟଙ୍କା ବଣ୍ଟାଯାଉଥିବା ଖବର ପାଇ ଜୟନ୍ତ ପହଞ୍ଚିଥିଲେ। ଭୋଟରଙ୍କୁ ପ୍ରଲୋଭିତ କରାଯିବା ଓ ଟଙ୍କା ବଣ୍ଟାଯିବାକୁ ସେ ବିରୋଧ କରିଥିଲେ। ଏଥିରେ ଉତ୍‌କ୍ଷିପ୍ତ ହୋଇ ବିଜେଡିର ୧୫ରୁ ଉର୍ଦ୍ଧ୍ୱ ସମର୍ଥକ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ ବୋଲି ଜୟନ୍ତ ଥାନାରେ ଏତଲା ଦେଇଥିଲେ।

### ଖମ୍ବରେ ନାହିଁ ମନୁମେଣ୍ଟ ଫ୍ଲାଗ୍



**ପୁରୀ ଅଫିସ,୨୪।୪:** ପୁରୀ ରେଳଷ୍ଟେଶନ ସମ୍ମୁଖରେ ଲାଗିଥିବା ମନୁମେଣ୍ଟ ଫ୍ଲାଗ୍ ଖମ୍ବ ବୁଧବାର ସନ୍ଧ୍ୟାରୁ ଶୂନ୍ୟ ହୋଇପଡ଼ିଛି। ଏ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଦେଶର ଗର୍ବ ଓ ଗୌରବର ପ୍ରତୀକ ମନୁମେଣ୍ଟ ଫ୍ଲାଗ୍ ତୁରନ୍ତ ଲଗାଯିବାକୁ ସାଧାରଣରେ ଦାବି ହେଉଛି। ଗତ ଜାନୁୟାରୀ ୨୬ରେ ଷ୍ଟେଶନ ପରିସରସ୍ଥ ଏହି ଖମ୍ବରେ ୧୦୦ ଫୁଟ ଉଚ୍ଚରେ ଏହି ପତାକା ଉଡ଼ିଥିଲା। ଝଡ଼ତୋଫାନରେ ପତାକା ଚିରିଯିବାରୁ ଏହାକୁ ଓହ୍ଲାଇ ଦିଆଯାଇଛି। ଖୁବ୍‌ଶୀଘ୍ର ନୂତନ ପତାକା ଲଗାଯିବ ବୋଲି ଷ୍ଟେଶନ ନିର୍ଦ୍ଦେଶକ ବି.କେ.ପରିଜା କହିଛନ୍ତି।

## ■ ଖୋର୍ଦ୍ଧା ଜିଲାରେ ୫୯.୬୦ ପ୍ରତିଶତ ମତଦାନ

# ଜୟଦେବରେ ସର୍ବାଧିକ, ଭୁବନେଶ୍ୱର ମଧ୍ୟରେ ସର୍ବନିମ୍ନ

**ଖୋର୍ଦ୍ଧା ଅଫିସ,୨୪।୪**

ଭୁବନେଶ୍ୱର ଲୋକ ସଭା ଅଧୀନରେ ଥିବା ଖୋର୍ଦ୍ଧା ଜିଲାର ୭ଟି ବିଧାନସଭା ଆସନ ଓ ପୁରୀ ଲୋକ ସଭା ଅଧୀନରେ ଥିବା ଚିଲିକା ବିଧାନସଭା ଆସନ ପାଇଁ ମତଦାନ ଶାନ୍ତିପୂର୍ଣ୍ଣ ଭାବେ ମଙ୍ଗଳବାର ଶେଷ ହୋଇଛି। ଏବେ ପ୍ରାର୍ଥୀଙ୍କ ଭାଗ୍ୟ ଇଭିଏମ୍‌ରେ ବନ୍ଦ ହୋଇ ରହିଛି। ଚିଲିକା ନିର୍ବାଚନମଣ୍ଡଳୀକୁ ବାଦ୍ ଦେଲେ ଜିଲାରେ ୫୯.୬୦ ପ୍ରତିଶତ ମତଦାନ ହୋଇଥିବା ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ୧୧୧ ନଂ. ଜୟଦେବ ନିର୍ବାଚନମଣ୍ଡଳୀରେ ସର୍ବାଧିକ ୭୫.୭୮ ପ୍ରତିଶତ ଏବଂ ୧୧୨ ନଂ. ଭୁବନେଶ୍ୱର ମଧ୍ୟ ନିର୍ବାଚନମଣ୍ଡଳୀରେ ସର୍ବନିମ୍ନ ୪୩.୦୪ ପ୍ରତିଶତ ମତଦାନ ରହିଛି। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସୁରଜିତ ମିଶ୍ରଙ୍କଠାରୁ ମିଳିଥିବା ସୂଚନା ଅନୁସାରେ ଜିଲାରେ ୧୬ ଲକ୍ଷ ୯୭ ହଜାର ୬୬୬ ଭୋଟର ରହିଛନ୍ତି। ଏଥିରୁ ୯ ଲକ୍ଷ ୬ ହଜାର ୮୬୫ ପୁରୁଷ, ୭ ଲକ୍ଷ ୯୦ ହଜାର ୨୭୫ ମହିଳା ଓ ୫୨୬ ଅନ୍ୟ ବର୍ଗର ଭୋଟର। ୧୧୧ ନଂ. ଜୟଦେବ ନିର୍ବାଚନମଣ୍ଡଳୀରେ ୧ ଲକ୍ଷ ୮୬ ହଜାର ୩୦୫ ଭୋଟର ରହିଥିବା ବେଳେ ମତଦାନ ୧ ଲକ୍ଷ ୪୧ ହଜାର ୧୮୧ (୭୫.୭୮ ପ୍ରତିଶତ) ରହିଛି। ୧୧୨ ନଂ. ଭୁବନେଶ୍ୱର(ମଧ୍ୟ) ନିର୍ବାଚନ ମଣ୍ଡଳୀରେ ୨ ଲକ୍ଷ ୩୮ ହଜାର ୬୬୪ ଭୋଟର ରହିଥିବା ବେଳେ ମତଦାନ ୧ ଲକ୍ଷ ୨ ହଜାର ୭୨୭ (୪୩.୦୪ ପ୍ରତିଶତ) ରହିଛି। ୧୧୩ ନଂ. ଭୁବନେଶ୍ୱର(ଉତ୍ତର) ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୯୭ ହଜାର ୯୩୪ ଭୋଟର ରହିଥିବା ବେଳେ ମତଦାନ ୧ଲକ୍ଷ ୩୮ ହଜାର ୧୭୭ (୪୬.୩୮ପ୍ରତିଶତ) ହୋଇଛି। ୧୧୪ ନଂ. ଭୁବନେଶ୍ୱର ଏକାମ୍ର ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୮୦ ହଜାର ୯୫୮ ଭୋଟର ରହିଥିବା ବେଳେ ମତଦାନ ୧ଲକ୍ଷ ୩୯ ହଜାର ୪୨୯ (୪୯.୬୩ ପ୍ରତିଶତ ) ହୋଇଛି। ୧୧୫ ନଂ. ଜଟଣୀ ନିର୍ବାଚନମଣ୍ଡଳୀରେ ୨ ଲକ୍ଷ ୩୭ ହଜାର ୬୧୮ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୬୧ ହଜାର ୯୩୫ (୫୮.୧୫ ପ୍ରତିଶତ) ମତଦାନ କରିଛନ୍ତି। ୧୧୬ ନଂ. ବେଗୁନିଆ ନିର୍ବାଚନ କ୍ଷେତ୍ରରେ ୨ ଲକ୍ଷ ୧୪ ହଜାର ୬୫୭ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୫୫ ହଜାର ୭୨୪ (୭୨.୫୫ ପ୍ରତିଶତ) ମତଦାନ କରିଛନ୍ତି। ୧୧୭ ନଂ. ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ୨ ଲକ୍ଷ ୪୧ ହଜାର ୫୩୦ ଭୋଟରଙ୍କ ମଧ୍ୟରୁ ୧ଲକ୍ଷ ୭୨ ହଜାର ୫୮୧(୭୧.୪୫ ପ୍ରତିଶତ) ମତଦାନ ହୋଇଛି। ସେହିପରି ୧୧୮ ନଂ. ଚିଲିକା ନିର୍ବାଚନମଣ୍ଡଳୀ ପୁରୀ ଲୋକ ସଭା ଅଧୀନରେ ଥିବାରୁ କେବଳ ୭୧.୦୧ ପ୍ରତିଶତ ମତଦାନ ହୋଇଥିବା କୁହାଯାଇଛି। ଏଠାରେ ଭୋଟର ସଂଖ୍ୟା କେତେ ଓ ମତଦାନ କେତେ କରିଛନ୍ତି ତା'ର କିଛି ସୂଚନା ଦିଆଯାଇନି।



ଜିଲାପାଳ ଅଫିସ ନିକଟରେ ପହଞ୍ଚିଥିବା ଇଭିଏମ୍ ଓ ଭିଭିପିଏଟି।

## ■ ଗୋଡ଼ା ଗାଁରେ ହାତୀ ଉପଦ୍ରବ

# ଘର ଭାଙ୍ଗି ଖାଇଲେ ଧାନ



ହାତୀ ଭାଙ୍ଗିଦେଇଥିବା ଘର।

**ଖୋର୍ଦ୍ଧା ଅଫିସ,୨୪।୪**

ଖୋର୍ଦ୍ଧା ବନ ବିଭାଗର ଗୋଡା ଗାଁର ମଙ୍ଗଳବାର ରାତି ପ୍ରାୟ ୨ଟା୨୦ମିନିଟ୍‌ରେ ୩ ଟିକିଆ ହାତୀପଲକୁ ଦେଖିବାକୁ ମିଳିଥିଲା। ଏଥିରେ ୨ଟି ଦନ୍ତା ଓ ଗୋଟିଏ ମାଈ ହାତୀ ଥିଲେ। ହାତୀପଲ ଗାଣ୍ଡୁ ବେହେରାଙ୍କ ଚାଳ ଓ ଆଜବେଷ୍ଟସ ମିଶା ଘର ଭାଙ୍ଗି ୮ ବସ୍ତା ଧାନ ଖାଇ ଦେଇଛନ୍ତି। ୨ ସାଇକେଲ ନଷ୍ଟ କରିବା ସହ ଗୋଟିଏ ପଣସ ଗଛ ଭାଙ୍ଗି ଦେଇଛନ୍ତି। ହାତୀପଲ ଘର ଭାଙ୍ଗିବା ବେଳକୁ ଗାଣ୍ଡୁ ନିଜର ସ୍ତ୍ରୀ ଏବଂ ୯ ଓ ୬ ବର୍ଷର ଝିଅ, ୩ ବର୍ଷର ପୁଅ ସହ ବିଶ୍ରାମ ନେଇଥିଲେ। ଘରଭଙ୍ଗା ଶବ୍ଦ ଶୁଣି ଗାଣ୍ଡୁ ଚଟାପଟ ଉଠି ସ୍ତ୍ରୀ ଓ ପିଲାଙ୍କୁ ନିରାପଦ ସ୍ଥାନକୁ ନେଇ ଯାଇଥିଲେ। ଏହି ସମୟରେ ଗାଁଲୋକ ଏକାଠି ହୋଇ ହାତୀପଲଙ୍କୁ ନିଆଁହୁଳା ଦେଖାଇ ଘଉଡାଇଥିଲେ। ତେବେ ହାତୀପଲ ପ୍ରାୟ ଅଧ ଘଣ୍ଟାଏ ଧରି ଗୋଡାଗାଁରେ ଉତ୍ପାତ କରି ଚାଲିଥିଲେ। ଖବରପାଇ ବନ ବିଭାଗର କର୍ମଚାରୀମାନେ ଘଟଣାସ୍ଥଳ ପରିଦର୍ଶନ କରି ଫେରି ଆସିଛନ୍ତି। ହାତୀ କ୍ଷୟକ୍ଷତି ସମ୍ପର୍କରେ ତହସିଲଦାରଙ୍କୁ ରିପୋର୍ଟ ଦେବାକୁ ପରାମର୍ଶ ଦେଇଛନ୍ତି। ଏ ନେଇ ଗାଣ୍ଡୁ ବେହେରା କୁହନ୍ତି, ଭାଗ୍ୟ ଭଲ, ମୋ ନିଦ ଭାଙ୍ଗିଗଲା। ନଚେତ୍ କ'ଣ ଯେ ହୋଇଥାନ୍ତା ତାହା କହି ହୋଇ ନ ଥାନ୍ତା।

# ବ୍ରହ୍ମୋତ୍ରୀ, ବିଜୟକୃଷ୍ଣ ସ୍ମୃତି ସମ୍ମାନ ସମାରୋହ




ମଞ୍ଚାସୀନ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

**ପୁରୀ ଅଫିସ,୨୪।୪**

ବିଜୟକୃଷ୍ଣ ସ୍ମୃତି ସଂସଦ ଟ୍ରଷ୍ଟ ଏବଂ ବିଜୟକୃଷ୍ଣ ସ୍ମୃତି ସଂସଦ ମିଳିତ ଆନୁକୂଲ୍ୟରେ ବୁଧବାର ସ୍ଥାନୀୟ ନାୟକ ପ୍ଲାଜା ସମ୍ମିଳନୀ କକ୍ଷରେ ବ୍ରହ୍ମୋତ୍ରୀ ଓ ବିଜୟକୃଷ୍ଣ ଶ୍ରଦ୍ଧାଞ୍ଜଳି ତଥା ସ୍ମୃତି ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ସଦାଶିବ ମିଶ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ହରିହର ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ କବି ଅଜୟ ପ୍ରଧାନଙ୍କୁ ବ୍ରହ୍ମୋତ୍ରୀ ମହାନ୍ତି ସ୍ମୃତି ସମ୍ମାନ ଏବଂ ସାରସ୍ୱତ ସାଧକ କ୍ଷୀରୋଦ ପରିଡାଙ୍କୁ ବିଜୟକୃଷ୍ଣ ମହାନ୍ତି ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। କବି ମମତା ଦାସ ବ୍ରହ୍ମୋତ୍ରୀଙ୍କ କବିତା ପାଠ କରିଥିବାବେଳେ ସାହିତ୍ୟିକ ବଦ୍ରି ମିଶ୍ର ବିଜୟକୃଷ୍ଣଙ୍କ ଗଳ୍ପ ପାଠ କରିଥିଲେ। ସ୍ମୃତି ସଂସଦର ଆବାହକ ଶିବ ସୁନ୍ଦର ମିଶ୍ର ସ୍ୱାଗତ ଭାଷଣ, ଯୁଗ୍ମ ସମ୍ପାଦକ ଶ୍ୟାମପ୍ରକାଶ ସେନାପତି ଅତିଥି ପରିଚୟ ଏବଂ ଡ.ନବୀନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ମହେନ୍ଦ୍ର କୁମାର ଦାଶ, ଡ. ଚାରୁବାଳା ଦାଶ, ଆର୍ତ୍ତତ୍ରାଣ ଦାସ, କ୍ରିଷ୍ଣା ମହାପାତ୍ର, ଅନ୍ନପୂର୍ଣ୍ଣା ଦେବୀ, ରାଜକିଶୋର ସୁଆର ପ୍ରମୁଖ ସହଯୋଗ କରିଥିଲେ।

### ବିଶାଖାପାଟଣାରେ ଦୁର୍ଘଟଣା, ଓଡ଼ିଆ ଡାକ୍ତରଙ୍କ ମୃତ୍ୟୁ

**ପାତ୍ରପୁର,୨୪।୪(ଡି.ଏନ୍.ଏ.)**

ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶର ବିଶାଖାପାଟଣାସ୍ଥିତ କୁଇନ ଏନ୍‌ଆର୍‌ଆଇ ହସ୍ପିଟାଲରେ କାର୍ଯ୍ୟରତ ଜଣେ ଓଡ଼ିଆ ଡାକ୍ତରଙ୍କ ମଙ୍ଗଳବାର ସନ୍ଧ୍ୟାରେ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ସେ ହେଲେ ପାତ୍ରପୁର ବ୍ଲକ ଗୁଣ୍ଡ୍ରା ପଞ୍ଚାୟତ ସୁନାରେଡ଼ୀ ଗ୍ରାମର ରାଷ୍ଟ୍ରପତି ଚୌଧୁରୀ (୪୦)। ଡାକ୍ତର ଚୌଧୁରୀ ଜଣେ ସମ୍ପର୍କୀୟଙ୍କ ଭୋଜିରେ ଯୋଗଦେଇ ବାଇକରେ ଫେରୁଥିବା ବେଳେ ଟ୍ରକ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସେଠାକାର ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇଥିଲା। ବୁଧବାର ଗ୍ରାମରେ ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି।

# ସମୂହ ବ୍ରତୋପନୟନ

**ପୁରୀ ଅଫିସ,୨୪।୪:** ବାଲିସାହିସ୍ଥିତ ତ୍ରିଶକ୍ତି କ୍ଲବ ଆନୁକୂଲ୍ୟରେ କୁବେର ମଣ୍ଡପ(ତେଲି ପଡ଼ିଆ)ରେ ମାଗଣା ସାମୂହିକ ବ୍ରତୋପନୟନ ବୁଧବାର ଅନୁଷ୍ଠିତ ହୋଇଥିଲା। ବୈଦିକ ରୀତିନୀତିରେ ଓଡ଼ିଶାର ବିଭିନ୍ନ ଜିଲାରୁ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ବ୍ରାହ୍ମଣ କୁମାରଙ୍କର ବ୍ରତୋପନୟନ କରାଯାଇଥିଲା। ସେମାନଙ୍କ ପରିବାରବର୍ଗଙ୍କୁ କ୍ଲବ ପକ୍ଷରୁ ସମସ୍ତ ସହଯୋଗ କରାଯାଇଥିଲା। ଶେଷରେ ମହାପ୍ରସାଦ ସେବନ ବ୍ୟବସ୍ଥା ହୋଇଥିଲା। କ୍ଲବ ସମ୍ପାଦକ ନାରାୟଣ ସାହୁଙ୍କ ସମେତ ସଦସ୍ୟମାନେ କାର୍ଯକ୍ରମ ପରିଚାଳନା କରିଥିଲେ।



ବ୍ରତୋପନୟନରେ ଯୋଗଦେଇଥିବା ବ୍ରାହ୍ମଣ ବାଳକମାନେ।

# ପୁରୀ ରେଳଷ୍ଟେଶନରେ ଅଗ୍ନିକାଣ୍ଡ: ଲୋକେ ଭୟରେ ଦୌଡ଼ିଲେ

**ପୁରୀ ଅଫିସ,୨୪।୪:** ପୁରୀ ରେଳଷ୍ଟେଶନରେ ବୁଧବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଶଟ୍ ସର୍କିଟ ଯୋଗୁ ୪ନମ୍ବର ପ୍ଲାଟଫର୍ମର ଆଜବେଷ୍ଟସ୍‌ରେ ନିଆଁ ଲାଗି ଚାରିଆଡ଼େ ବ୍ୟାପିଯାଇଥିଲା। ଫଳରେ ପ୍ଲାଟଫର୍ମ ଧୂଆଁମୟ ହୋଇଯାଇଥିଲା। ଏହି ସମୟରେ ଉପସ୍ଥିତ ଥିବା ଯାତ୍ରୀମାନେ ଭୟରେ ଏଣେତେଣେ ଦୌଡ଼ିଥିଲେ। ଖବର ପାଇ ପୁରୀ ଅଗ୍ନିଶମ ବିଭାଗର କର୍ମଚାରୀ ଏବଂ ରେଲୱେ କର୍ମଚାରୀ ପହଞ୍ଚି ଫାୟାର ଗ୍ୟାସ ମାଧ୍ୟମରେ ନିଆଁକୁ ଆୟତ୍ତ କରିଥିଲେ। ଅଗ୍ନିକାଣ୍ଡରେ କୌଣସି ଯାତ୍ରୀ ଆହତ ହୋଇ ନ ଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ୪ନମ୍ବର ପ୍ଲାଟଫର୍ମରେ ଆଜବେଷ୍ଟସ ଛାତ ମରାମତି ଚାଲିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରଭାବରେ ଆଜବେଷ୍ଟସରେ ଲାଗିଥିବା ବିଦ୍ୟୁତ ତାର ତରଳି ଏହି ଅଗ୍ନିକାଣ୍ଡ ଘଟିଥିବା କୁହାଯାଉଛି। ନିଆଁ ଲିଭା ଚାଲିଥିବା ବେଳେ ୪ନମ୍ବର ପ୍ଲାଟଫର୍ମରେ ସମ୍ବଲପୁର ଇଣ୍ଟରସିଟି ଟ୍ରେନ୍ ପହଞ୍ଚିଥିଲା। ତେବେ ନିଆଁ ଲିଭିଯାଇଥିବାରୁ କିଛି କ୍ଷୟକ୍ଷତି ଘଟିନାହିଁ।

# ଏସ୍‌ବିଆଇ ଏଟିଏମ୍ ଭାଙ୍ଗି ଲୁଟ୍ ଉଦ୍ୟମ

**ନିରାକାରପୁର,୨୪।୪(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥ କାଜ ନିକଟ ନୂଆ ଜଗନ୍ନାଥ ଜାତୀୟ ରାଜପଥ ପାର୍ଶ୍ୱ ଏସ୍‌ବିଆଇ ଏଟିଏମ୍‌ରୁ ଟଙ୍କା ଲୁଟ୍ ଉଦ୍ୟମ ହୋଇଥିବା ଜଣାପଡ଼ିଛି। ମଙ୍ଗଳବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ଏଟିଏମ୍‌ଟି ଭାଙ୍ଗି ଏଥିରେ ଥିବା ଟଙ୍କା ଲୁଟିବା ପାଇଁ ଉଦ୍ୟମ କରି ବିଫଳ ହୋଇଛି। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ନିରାକାରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି । ସୂଚନାଯୋଗ୍ୟ, ଏହି ଏଟିଏମ୍‌ରେ ୩ ଥର ଦୁର୍ବୃତ୍ତମାନେ ଲୁଟ୍ ଉଦ୍ୟମ କରିଛନ୍ତି। ବାରମ୍ବାର ଅଭିଯୋଗ ସତ୍ତ୍ୱେ ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ଲୋକେ କହିଛନ୍ତି । ଏହି ଅଞ୍ଚଳରେ ୭ଟି ଏଟିଏମ୍ ସେଣ୍ଟର ରହିଥିବାବେଳେ ୬ଟିରେ ସୁରକ୍ଷା କର୍ମୀ ନାହାନ୍ତି । ସିସି କ୍ୟାମେରା ମଧ୍ୟ ଅଚଳ ହୋଇପଡ଼ିଛି। ତେଣୁ ଲୁଟେରାଙ୍କୁ ଏଭଳି ପରିସ୍ଥିତି ସୁଯୋଗ ଦେଉଛି ଏବଂ ବାରମ୍ବାର ଏଭଳି ଅସାମାଜିକ କାର୍ଯ୍ୟକଳାପ କରିବାରେ ଲାଗିଛନ୍ତି ବୋଲି କିଛି ଗ୍ରାହକ ମତବ୍ୟକ୍ତ କରିଛନ୍ତି । ମାତ୍ର କିଛି ମାସ ତଳେ ଏଠାରେ ଗୋଟିଏ ଏଟିଏମ୍‌କୁ କଟର୍ ମେଶିନ୍‌ରେ କାଟି ପ୍ରାୟ ୧୨ ଲକ୍ଷ ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିଲେ। ଏ ଘଟଣା ନେଇ କିଛିଦିନ ହୋହଲ୍ଲା ଓ ଅଭିଯୋଗ ହୋଇଥିଲା। ଲୁଟ୍ ଉଦ୍ୟମ କରାଯାଇଥିବା ଏଟିଏମ୍‌ଟି ଥାନାଠାରୁ ପ୍ରାୟ ୨ଶହ ମିଟର ଦୂରତା ମଧ୍ୟରେ ରହିଥିବାବେଳେ ବାରମ୍ବାର ଏହା କିପରି ଘଟୁଛି ସେ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହୋଇଛି।

## ■ ପୁରୀ ଲୋକ ସଭା: ୭୨.୫୩ ପ୍ରତିଶତ ମତଦାନ

# ୨୦୧୪ ତୁଳନାରେ ୨ପ୍ରତିଶତ ଭୋଟ୍ କମିଛି

### ବ୍ରହ୍ମଗିରିରେ ଅଧିକ, ପୁରୀରେ କମ୍

**ପୁରୀ ଅଫିସ,୨୪।୪**

ଉପକୂଳ ଓଡ଼ିଶାର ଅନ୍ୟତମ ଶିକ୍ଷିତ ଜିଲା ପୁରୀ। ଏହି ଜିଲାବାସୀ ବେଶ୍ ସଚେତନ। କିନ୍ତୁ ଗଣତନ୍ତ୍ରର ମହାନ ପର୍ବ ଭୋଟଦାନରେ ଏମାନେ ଏଥର ପଛରେ ପଡ଼ିଛନ୍ତି। ଚଳିତ ନିର୍ବାଚନରେ ଅଧିକ ସଂଖ୍ୟାରେ ଭୋଟର ଯେପରି ମତଦାନରେ ସାମିଲ ହୋଇପାରିବେ ତାହା ଉପରେ ଗୁରୁତ୍ୱାରୋପ କରିଥିଲେ ନିର୍ବାଚନ କମିଶନ। ଏଥିଲାଗି ବିଭିନ୍ନ ପ୍ରକାର ପଦକ୍ଷେପ ମଧ୍ୟ ହାତକୁ ନିଆଯାଇଥିଲା। ହେଲେ ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀର ଭୋଟର ଏଥିପ୍ରତି ସଚେତନ ହୋଇନାହାନ୍ତି, ଯାହା ଏଥରର ମତଦାନ ଫଳାଫଳରୁ ସ୍ପଷ୍ଟ ଜଣାପଡୁଛି। ୨୦୧୪ ନିର୍ବାଚନ ତୁଳନାରେ ଚଳିତ ନିର୍ବାଚନରେ ୨ପ୍ରତିଶତ କମ୍ ମତଦାନ ହୋଇଛି। ମତଦାନ ପ୍ରତ୍ୟେକ ନାଗରିକଙ୍କ ଏକ ସାମ୍ବିଧାନିକ ଅଧିକାର। ଏହାସତ୍ତ୍ୱେ ମତାଧିକାର ସାବ୍ୟସ୍ତ କରିବାରେ କାହିଁକି ଭୋଟର ଆଗ୍ରହ ପ୍ରକାଶ କରୁନାହାନ୍ତି ତାହା ଉପରେ ନଜର ଦେବାର ସମୟ ଆସିଛି। କିନ୍ତୁ ଏଥର ମତଦାନ ହାର କମିବା ପାଇଁ କେବଳ ଭୋଟରଙ୍କ ଇଚ୍ଛାଶକ୍ତିର ଅଭାବ ନୁହେଁ, ପ୍ରଶାସନିକ ଅଧିକାରୀମାନଙ୍କ ଖାମଖିଆଲି ମନୋଭାବକୁ ମଧ୍ୟ କେହି କେହି ଦାୟୀ କରିଛନ୍ତି। ଅର୍ଥାତ୍ ଅନେକ ଭୋଟରଙ୍କ ନାମ ତାଲିକାରେ ନ ଥିବାରୁ ସେମାନେ ଭୋଟଦାନରୁ ବଞ୍ଚିତ ହୋଇଥିବା ଜଣାପଡ଼ିଛି।

ପୁରୀ ଲୋକ ସଭା ଆସନରେ ପୁରୀ ଜିଲାର ପିପିଲି, ସତ୍ୟବାଦୀ, ପୁରୀ, ବ୍ରହ୍ମଗିରି, ଖୋର୍ଦ୍ଧା ଜିଲାର ଚିଲିକା ଏବଂ ନୟାଗଡ଼ ଜିଲାର ରଣପୁର ଓ ନୟାଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ ରହିଛି। ୨୦୧୪ ସାଧାରଣ ନିର୍ବାଚନରେ ପୁରୀ ଲୋକ ସଭା ନିର୍ବାଚନମଣ୍ଡଳୀରେ ମତଦାନ ହାର ଥିଲା ୭୪.୭୧ ପ୍ରତିଶତ। ଲୋକ ସଭା କ୍ଷେତ୍ରର ମୋଟ ଭୋଟର ୧୩,୯୧,୧୯୩ ଥିବାବେଳେ ୧୦,୩୯,୩୮୯ଜଣ ଭୋଟ୍ ଦେଇଥିଲେ। ତେବେ ଏଥର ଭୋଟରଙ୍କ ସଂଖ୍ୟା ଅଧିକ ଥାଇ ମଧ୍ୟ ଗତଥର ତୁଳନାରେ ମତଦାନ ହାର ପ୍ରାୟ ୨ ପ୍ରତିଶତ କମିଛି। ଅର୍ଥାତ୍ ମତଦାନ ହାର ରହିଛି ୭୨.୫୩ ପ୍ରତିଶତ। ୨୦୧୯ରେ ମୋଟ ଭୋଟରଙ୍କ ସଂଖ୍ୟା ରହିଥିଲା ୧୫,୫୯,୫୪୮। ଏମାନଙ୍କ ମଧ୍ୟରେ ପୁରୁଷ ୮,୧୩,୧୪୭, ମହିଳା ୭,୪୬,୩୧୨ ଏବଂ ଅନ୍ୟାନ୍ୟ ଭୋଟର ୮୯ ଜଣ ରହିଥିଲେ। କିନ୍ତୁ ୧୧,୩୧,୦୮୮ ଜଣ ଭୋଟ ଦେଇଛନ୍ତି। ଏମାନଙ୍କ ମଧ୍ୟରେ ୫,୯୪,୨୩୨ ପୁରୁଷ, ୫,୩୬,୮୩୯ ଜଣ ମହିଳା ଏବଂ ୧୭ଜଣ ଅନ୍ୟାନ୍ୟ ଭୋଟର ରହିଛନ୍ତି। ମତଦାନ ହାର ରହିଛି ୭୨.୫୩ ପ୍ରତିଶତ। ନିର୍ବାଚନମଣ୍ଡଳୀ ଅନୁଯାୟୀ ଦେଖିଲେ ବ୍ରହ୍ମଗିରିରେ ସର୍ବାଧିକ ୮୧.୦୫ ପ୍ରତିଶତ ଏବଂ ପୁରୀରେ ସବୁଠୁ କମ୍ ୬୩.୮୫ ପ୍ରତିଶତ ମତଦାନ ହୋଇଛି। ପୁରୀ ଲୋକ ସଭା ଆସନ ଅଧୀନ ଅନ୍ୟ ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରେ ସତ୍ୟବାଦୀରେ ୭୪.୮୯, ପିପିଲିରେ ୭୭.୩, ଚିଲିକାରେ ୭୦.୯୯, ରଣପୁରରେ ୭୦. ୪୨ ଏବଂ ନୟାଗଡ଼ ନିର୍ବାଚନମଣ୍ଡଳୀରେ ୭୦.୦୮ ପ୍ରତିଶତ ମତଦାନ ହୋଇଛି।

ବିଭିନ୍ନ ନିର୍ବାଚନମଣ୍ଡଳୀରେ ଭୋଟ ହାର କମିବା ପାଇଁ ଭୋଟର ଯେତିକି ଦାୟୀ ପ୍ରଶାସନିକ ଅଧିକାରୀମାନେ ମଧ୍ୟ ସେତିକି ଦାୟୀ। କାରଣ ଚଳିତ ନିର୍ବାଚନରେ ଅନେକ ଭୋଟର ମତଦାନ ପାଇଁ ଆଗ୍ରହୀ ଥିଲେ ମଧ୍ୟ ଭୋଟର ତାଲିକାରେ ସେମାନଙ୍କ ନାମ ନ ଥିବାରୁ ଭୋଟ ଦେଇପାରି ନ ଥିବା ଜଣାପଡ଼ିଛି। ପୂର୍ବରୁ ବିଭିନ୍ନ ନିର୍ବାଚନରେ ଭୋଟ ଦେଇଥିଲେ ମଧ୍ୟ ଚଳିତ ଥର ତାଲିକାରୁ ସେମାନଙ୍କ ନାମ କଟିଯାଇଛି। ସେହିପରି ଗୋଟିଏ ପରିବାରର ସଦସ୍ୟଙ୍କ ନାମ ଭିନ୍ନ ଭିନ୍ନ ବୁଥ୍‌ରେ ରହିଛି। ଏଥିଯୋଗୁ ସମ୍ପୃକ୍ତ ପରିବାରରୁ କେତେଜଣ ଭୋଟ ଦେବାକୁ ଆଗ୍ରହ ପ୍ରକାଶ କରିନାହାନ୍ତି। ପୁଣି ଜଣେ ଭୋଟରଙ୍କ ଦୁଇଟି ସିରିୟଲ ନମ୍ବର ରହିଥିବାବେଳେ ତାଙ୍କ ଭାଇଙ୍କ ନାମ ତାଲିକାରୁ କଟିଯାଇଛି। ପୁରୀର ସୌମିତ୍ର ରଞ୍ଜନ ହରିଚନ୍ଦନଙ୍କର ସିରିୟଲ ନମ୍ବର ୪୭୭ ଏବଂ ୪୭୯ ଥିବାବେଳେ ଭୋଟର ତାଲିକାରୁ ତାଙ୍କ ଭାଇ ସୌରଭ ହରିଚନ୍ଦନଙ୍କ ନାମ କଟିଯାଇଛି। ଏମିତି ତାଲିକାରେ ବହୁ ପ୍ରକାର ତ୍ରୁଟି ରହିଥିବାରୁ ଅନେକ ମତଦାତା ଭୋଟଦାନରୁ ବଞ୍ଚିତ ହୋଇଛନ୍ତି, ଯାହା ମତଦାନ ହାର କମିବାର ମୁଖ୍ୟ କାରଣ ବୋଲି କୁହାଯାଉଛି।



ପୁରୀ ସେଣ୍ଟ୍ରାଲ ସ୍କୁଲରେ ଇଭିଏମ୍ ରଖାଯାଇଥିବା ଷ୍ଟ୍ରଙ୍ଗ୍‌ରୁମ୍‌କୁ ସୁରକ୍ଷା କର୍ମୀ ଜଗିରହିଛନ୍ତି।

**ନିର୍ବାଚନମଣ୍ଡଳୀ ମତଦାନ ସଂଖ୍ୟା**

| ନିର୍ବାଚନମଣ୍ଡଳୀ | ପୁରୁଷ | ମହିଳା | ଅନ୍ୟାନ୍ୟ | ମୋଟ |
|---|---|---|---|---|
| ପୁରୀ | ୮୨,୧୮୩ | ୭୩,୧୧୮ | ୧୨ | ୧,୫୫,୩୧୩ |
| ବ୍ରହ୍ମଗିରି | ୯୦,୨୧୭ | ୮୭,୦୦୮ | ୩ | ୧,୭୭,୨୨୮ |
| ସତ୍ୟବାଦୀ | ୭୯,୭୮୬ | ୭୬,୧୯୯ | ୧ | ୧,୫୫,୯୮୬ |
| ପିପିଲି | ୯୩,୪୨୫ | ୮୩,୨୨୯ | ୦ | ୧,୭୬,୬୫୪ |
| ଚିଲିକା | ୮୯,୩୦୭ | ୭୦,୧୭୧ | ୦ | ୧,୫୯,୪୭୮ |
| ରଣପୁର | ୭୬,୬୨୮ | ୭୨,୪୧୭ | ୧ | ୧,୪୯,୦୪୬ |
| ନୟାଗଡ଼ | ୮୨,୬୮୬ | ୭୪,୬୯୭ | ୦ | ୧,୫୭,୩୮୩ |
| ମୋଟ | ୫,୯୪,୨୩୨ | ୫,୩୬,୮୩୯ | ୧୭ | ୧୧,୩୧,୦୮୮ |